୬ ପୁଣି ହେବ ଆଇପିଏଲ ଏବଂ ପିଏସଏଲ ମହାସଂଗ୍ରାମ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୫୨ ● ୧୧ ଅକ୍ଟୋବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-252 ● 11th October 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ସିଜେପିର ଆନ୍ଦୋଳନ ବେଳେ ଅରାଜକତା

# ଦିଲ୍ଲୀରେ ହୁଲୁସ୍ଥୁଲ, ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଅଟକ




**ନୂଆଦିଲ୍ଲୀ, ୧୦।୧୦**

ସିଇସି ଜ୍ଞାନେଶ କୁମାର ଇସ୍ତଫା ଦାବିରେ ଶନିବାର ରାଜଧାନୀ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ବଡଧରଣର ଆନ୍ଦୋଳନ କରାଯାଇଛି। ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଜନ୍ତରମନ୍ତରରେ କକ୍ରୋଚ ଜନତା ପାର୍ଟିର ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି ମଧ୍ୟ କରିଥିଲେ। ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଏକଜୁଟ ହୋଇ ଆନ୍ଦୋଳନ ବେଳେ ଧକ୍ଷେଇ ପଶିବାକୁ ଉଦ୍ୟମ କଲାବେଳେ ସୁରକ୍ଷା ବ୍ୟବସ୍ଥା ପାଇଁ ମୁତୟନ ହୋଇଥିବା ପୋଲିସ୍ କର୍ମଚାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ସ୍ଥାନରେ ୩୦୦୦ରୁ ଉର୍ଦ୍ଧ୍ୱ ସିଜେପି କର୍ମୀଙ୍କୁ ପୋଲିସ୍ ଅଟକ ରଖିଥିଲେ। ଆନ୍ଦୋଳନକୁ ଦୃଷ୍ଟିରେ ରଖି ଦିଲ୍ଲୀର ବଜାର ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା। ସେହିପରି ମେଟ୍ରୋ ସେବା ବନ୍ଦ ରହିବା ସହ ଟ୍ରେନ୍ ବାତିଲ ହୋଇଯାଇଥିଲା। ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରହିଥିଲା। ଦିଲ୍ଲୀର ଅତି ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ୩୫ ହଜାରରୁ ଅଧିକ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ପୋଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

ତାରି ଭିତରେ ଜନ୍ତରମନ୍ତର ଆଡକୁ ବଢୁଥିଲା ଅମାନିଆ ଭିଡ। ବିରୋଧୀ ଦଳର ବଡ଼ ନେତାମାନଙ୍କ ଯୋଗଦାନ ଫଳରେ ଆନ୍ଦୋଳନକାରୀ ବଳ ପାଇଥିଲେ । ଏଥିପାଇଁ ଟିଏମସି ମୁଖ୍ୟ ମମତା ବାନାର୍ଜୀ, ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲ ଏବଂ କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପି. ବିଜୟନଙ୍କୁ ପୋଲିସ୍ ହେପାଜତକୁ ନେଇଥିଲା। ସେପଟେ କନ୍ନଟ୍ ପ୍ଲେସ ଖରଗ ସିଂ ମାର୍ଗରେ ପୋଲିସ ଉପରକୁ ଆନ୍ଦୋଳନକାରୀମାନେ ଟେକା-ପଥର ମାଡ କରିଥିଲେ ।

ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଗୁରୁଗ୍ରାମସ୍ଥିତ ଘରେ ପ୍ରସିଦ୍ଧ ୟୁଟ୍ୟୁବର ଧ୍ରୁବ ରାଠିଙ୍କୁ ଅଟକ ରଖିଥିଲା ପୋଲିସ। ଦିଲ୍ଲୀରେ ବିମାନ ଭିତରୁ ଉଠାଇ ଆଣି ଅଟକ ରଖାଯାଇଥିଲା କକରୋଚ୍ ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ। ଆଶୁତୋଷ ରାଙ୍କା ଓ ସୌରଭ (ପୃଷ୍ଠା ୭ରେ)

## କଲେଜ ନିର୍ବାଚନ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ

# ହିଂସା ରୋକିବା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ନିର୍ବାଚନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି/ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ କଲେଜ ପରିସରରେ ହିଂସା ରୋକିବା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା, ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ।

କଲେଜରେ କୌଣସି ହିଂସାତ୍ମକ ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ଆଗୁଆ ସତର୍କତା ଅବଲମ୍ବନ କରି ହିଂସାକୁ ରୋକିବା ଉପରେ ପୋଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡିଜିପି କହିଥିଲେ। ଏଥିପାଇଁ ପୋଲିସ ଅଧିକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସହ ଉତ୍ତେଜନାର ସମ୍ଭାବନା ଥିବା ସ୍ଥାନ ଓ ପରିସ୍ଥିତି ଉପରେ ସ୍ୱତନ୍ତ୍ର (ପୃଷ୍ଠା ୭ରେ)

## ଜାତିସଂଘରେ ଜୟଶଙ୍କରଙ୍କ ବକ୍ତବ୍ୟ

# ବିଶ୍ୱ ନିଷ୍ପତ୍ତିରେ ଭାରତ ଓ ଆଫ୍ରିକାର ଭାଗିଦାରୀ ଜରୁରୀ

**ନୂଆଦିଲ୍ଲୀ, ୧୦।୧୦**

ଜାତିସଂଘରେ ସୁଧାର ଏବଂ ସୁରକ୍ଷା ପରିଷଦରେ ଭାରତର ଅଧିକ ପ୍ରତିନିଧିତ୍ୱ ପ୍ରସଙ୍ଗକୁ ପୁଣି ଜୋରଦାର ଭାବେ ଉଠାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ବିଶ୍ୱସ୍ତରୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭାରତ ଓ ଆଫ୍ରିକାର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ, ଜାତିସଂଘରେ ପାକିସ୍ତାନର ପରମାଣୁ ଅସ୍ତ୍ର ସମ୍ପର୍କିତ ବୟାନ ଏବଂ ଜମ୍ମୁ-କଶ୍ମୀରକୁ ନେଇ ମିଥ୍ୟା ପ୍ରଚାରକୁ ଭାରତ କଡ଼ା ସମାଲୋଚନା କରିଛି ।




ଆଫ୍ରିକାର ଆଦିସ୍ ଆବାବାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜୟଶଙ୍କର ଜାତିସଂଘ ସୁରକ୍ଷା ପରିଷଦରେ ସୁଧାର ଆଣିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନର ବିଶ୍ୱ ବ୍ୟବସ୍ଥାକୁ ଅଧିକ ଗଣତାନ୍ତ୍ରିକ ଓ ସମାବେଶୀ କରିବା ପାଇଁ ସୁରକ୍ଷା ପରିଷଦର ଢାଞ୍ଚାରେ ପରିବର୍ତ୍ତନ ଜରୁରୀ ବୋଲି ସେ ମତ ଦେଇଛନ୍ତି ।

ଜାତିସଂଘରେ ଭାରତ ପାକିସ୍ତାନକୁ ଟାର୍ଗେଟ୍ କରି କହିଛି ଯେ, ପରମାଣୁ ଅସ୍ତ୍ରକୁ ସାଧାରଣ ରାଜନୈତିକ ଚାପ ସୃଷ୍ଟି କରିବାର ମାଧ୍ୟମ ଭାବେ ଦେଖିବା ଉଚିତ ନୁହେଁ । ପରମାଣୁ ଧମକ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଭେଟିଲେ ରାହୁଲ ଗାନ୍ଧୀ।
- ଆଇପିୟୁର ନୂତନ ସଭାପତି ମିଲ୍‌ଟନ ଡିକଙ୍କ ନିର୍ବାଚନରେ ଭାରତର ତିନି ଜଣ ସାଂସଦ ଭୋଟ୍ ଦେଲେ।
- ସିଜେପି ମୁଖ୍ୟ ଅଭିଜିତ୍ ଡିପକେଙ୍କ ଜେଜେମା 'ଙ୍କ ଦେହାନ୍ତ।
- ଦେବଘର ଏମ୍ସର ଦୀକ୍ଷାନ୍ତ ସମାରୋହରେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଛାତ୍ରଛାତ୍ରୀଙ୍କୁ ଦେଲେ ମାନବ ସେବାର ବାର୍ତ୍ତା।
- ସିଜେପିର ବିରୋଧ-ପ୍ରଦର୍ଶନକୁ ସମର୍ଥନରେ ମୁମ୍ବାଇରେ ପ୍ରଦର୍ଶନ ପୂର୍ବରୁ ତୁଷାର ଗାନ୍ଧୀ ଅଟକ।
- ସାହାରାନପୁର : ଦେଓବନ୍ଦରେ ମଶାଲ ପଦଯାତ୍ରୀଙ୍କ ଉପରେ କ୍ୟାଣ୍ଟର୍ ଚଢ଼ିଯିବାରୁ ଚାରି ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୧୫ ଆହତ।
- ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ସମଗ୍ର ସମାଜର ଦାୟିତ୍ୱ: ଉପରାଷ୍ଟ୍ରପତି।
- ଦେଶକୁ ଅସ୍ଥିର କରିବାକୁ ଉଦ୍ୟମ ବରଦାସ୍ତ କରାଯିବ ନାହିଁ: ବିଜେପି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୧୪୨ (+୭୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୮୦ (+୬୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୫୭ (+୫୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୫)

## ଅନ୍ତର୍ଜାତୀୟ ବାୟୁସେନା ସମରାଭ୍ୟାସ 'ତରଙ୍ଗ ଶକ୍ତି-୨୦୨୬'

# ଯୁଦ୍ଧର ପରିବର୍ତ୍ତିତ ଯୁଗରେ ପ୍ରଯୁକ୍ତି, ତ୍ୱରିତ ନିଷ୍ପତ୍ତି ଗ୍ରହଣ ଗୁରୁତ୍ୱପୂର୍ଣ୍ଣ

**ଯୋଧପୁର, ୧୦।୧୦**

ଆଧୁନିକ ଯୁଦ୍ଧର ପରିବର୍ତ୍ତିତ ପ୍ରକୃତିକୁ ଦୃଷ୍ଟିରେ ରଖି ବୈଷୟିକ ସାମର୍ଥ୍ୟ, ତ୍ୱରିତ ନିଷ୍ପତ୍ତି ଗ୍ରହଣ ଏବଂ ନିର୍ଭୁଲ କାର୍ଯ୍ୟାନୁଷ୍ଠାନ ସାମରିକ ଶକ୍ତିର ପ୍ରମୁଖ ସ୍ତମ୍ଭ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହିତ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ସହ-ବିକାଶ ଏବଂ ସହ-ଉତ୍ପାଦନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରି କହିଥିଲେ ଯେ,




ପ୍ରଯୁକ୍ତି ଏବଂ ପାରସ୍ପରିକ ବିଶ୍ୱାସ ଭବିଷ୍ୟତର ପ୍ରତିରକ୍ଷା ଭାଗିଦାରୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଶନିବାର ଦିନ ଯୋଧପୁର ବାୟୁସେନା ଷ୍ଟେସନରେ ଅନ୍ତର୍ଜାତୀୟ ବାୟୁସେନା ସମରାଭ୍ୟାସ 'ତରଙ୍ଗ ଶକ୍ତି-୨୦୨୬' ରେ ସେ ଯୋଗ ଦେଇଥିଲେ। ସକାଳେ ବାୟୁସେନା ଷ୍ଟେସନରେ ପହଞ୍ଚିଥିବା ପ୍ରତିରକ୍ଷା ମନ୍ତ୍ରୀ ଭାରତୀୟ ବାୟୁସେନାର କର୍ମଚାରୀ, ବନ୍ଧୁତ୍ୱପୂର୍ଣ୍ଣ ବିଦେଶୀ ଦେଶର ବାୟୁସେନା ମୁଖ୍ୟ, ସାମରିକ ଅଧିକାରୀ, ପାଇଲଟ୍ ଏବଂ ପ୍ରତିନିଧିମଣ୍ଡଳୀଙ୍କୁ (ପୃଷ୍ଠା ୭ରେ)

# ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍‌ଙ୍କୁ ଆକ୍ରମଣ ଘଟଣାର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୦।୧୦**

ଦୁବାଇରୁ ଇସ୍ରାଏଲର ତେଲ୍ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମାଛରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ କରିବ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏକୁ ଦେଇଛନ୍ତି। ବିମାନ ଅପହରଣ ନିରୋଧୀ ଆଇନ, ୨୦୧୬ ଓ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ) ଅନୁଯାୟୀ ଶୁକ୍ରବାର (ଅକ୍ଟୋବର ୯ ତାରିଖ) ମାମଲା ରୁଜୁ ହୋଇଛି।

ସେପ୍ଟେମ୍ବର ୩୦ ତାରିଖରେ ବିମାନଟି ଆକାଶରେ ଉଡୁଥିବା ବେଳେ କକପିଟ୍ ଭିତରେ ସହକାରୀ ପାଇଲଟ୍‌ଙ୍କ ସହ ସ୍ମିତଙ୍କର ସଂଘର୍ଷ ହୋଇଥିଲା। ଅଭିଯୋଗ ଅନୁଯାୟୀ, ସହକାରୀ ପାଇଲଟ୍ ସ୍ମିତଙ୍କୁ କକପିଟ୍‌ରେ ଥିବା କୁରାଢ଼ୀରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ବିମାନକୁ ଅପହରଣ କରିବା କିମ୍ବା ଦୁର୍ଘଟଣାଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି।

# ଋଷୀୟ ଆକ୍ରମଣରେ ୭ ମୃତ

**କିଭ୍, ୧୦।୧୦**

ୟୁକ୍ରେନର ଦକ୍ଷିଣାଞ୍ଚଳ ଜାପୋରିଝିଆରେ ଆକାଶମାର୍ଗରୁ ଋଷୀୟ ସେନାର ଆକ୍ରମଣରେ ଅନ୍ୟୁନ ୭ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ଜଣ ଶିଶୁ ଅଛନ୍ତି। ଶନିବାର ଆବାସିକ କୋଠାଗୁଡ଼ିକୁ ଲକ୍ଷ୍ୟ କରି ଋଷ୍ ବୋମାମାଡ଼ କରିଥିବା ଅଞ୍ଚଳର ସାମରିକ ପ୍ରଶାସନ ମୁଖ୍ୟ ମିଖାଇଲୋ ସେମିକିନ୍ କହିଛନ୍ତି। ଏଥିରେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଆଉ କେହି ଫସି ରହିଛନ୍ତି କି ନାହିଁ, ତାହା ଜାଣିବା ପାଇଁ ଉଦ୍ଧାରକାରୀ ଦଳ ଖୋଜାଖୋଜି ଜାରି ରଖିଛନ୍ତି। ଏହି ଆକ୍ରମଣ ଏପରି ସମୟରେ ହୋଇଛି, (ପୃଷ୍ଠା ୭ରେ)

# ନଦୀରେ ବୁଡ଼ି ୪ ମୃତ

**ଝୁମ୍ପୁରା/କବାଟବନ୍ଧ/ଶାମାଖୁଣ୍ଟା, ୧୦।୧୦ : ନ୍ୟୁଜ୍ ବ୍ୟୁରୋ**

ଶନିବାର ନଦୀରେ ବୁଡ଼ି ଉଭୟ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ତିନି ନାବାଳକଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ମୁସଲିମ ବସ୍ତିର ମହମ୍ମଦ ମହିବୁର ରହମାନଙ୍କ ଦୁଇପୁଅ ଅହମ୍ମଦ ଅନସାରୀ (୧୪) ଓ ସୟଦ ଅନସାରୀ (୧୩) ଏବଂ ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଅରୁଣ ସାହୁଙ୍କ ବଡ଼ପୁଅ ଅନିଲ(୧୨)।

ଝୁମ୍ପୁରା ସିଲିସୁଆଁ ନିକଟସ୍ଥ ଅରଡ଼େଇ ନଦୀରେ ରହମାନଙ୍କ (ପୃଷ୍ଠା ୭ରେ)

# ଋଷ୍ ବିଶ୍ୱକୁ ଲକ୍ଷ ଲକ୍ଷ ଟନ୍ ଡିଜେଲ ଯୋଗାଇବାକୁ ରାଜି : ଟ୍ରମ୍ପ

**ୱାଶିଂଟନ, ୧୦।୧୦**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆଗାମୀ କିଛି ମାସ ମଧ୍ୟରେ ବିଶ୍ୱକୁ ଲକ୍ଷ ଲକ୍ଷ ଟନ୍ ଡିଜେଲ ଯୋଗାଇବାକୁ ଋଷ୍ ରାଜି ହୋଇଛି। ବିଶ୍ୱ ବଜାରରେ ଦ୍ରୁତଗତିରେ ବଢୁଥିବା ଦରକୁ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ସେ ଏବେ ମାତ୍ର ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୩ ଲକ୍ଷ ଟନ୍ ଡିଜେଲ ଯୋଗାଇବାକୁ ପୁଟିନ ରାଜି ହୋଇଛନ୍ତି। ନଭେମ୍ବରରେ ଆଉ ୫ ଲକ୍ଷ ଟନ୍ ଏବଂ ଡିସେମ୍ବରରେ ୧୦ ଲକ୍ଷ ଟନ୍ ଡିଜେଲ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

ଟ୍ରମ୍ପ କହିଛନ୍ତି, ଏହା ବ୍ୟତୀତ ଋଷ୍ ନିଜର ଡିଜେଲ ବିଶୋଧନାଗାରଗୁଡ଼ିକର ସ୍ଥିତିକୁ ଆଧାର କରି ଖୁବ୍ କମ୍ ସମୟ ମଧ୍ୟରେ ୩୦ ଲକ୍ଷ ଟନ୍ ଡିଜେଲ ଯୋଗାଇବ।

ଅନ୍ୟପକ୍ଷରେ, ଆମେରିକାର ଅର୍ଥ ବିଭାଗ ମଧ୍ୟ ଘୋଷଣା କରିଛି ଯେ, ବିଶ୍ୱ ବଜାରରେ ଋଷୀୟ ଡିଜେଲର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଋଷର ଶକ୍ତି କ୍ଷେତ୍ର ଉପରେ ଲାଗୁ ହୋଇଥିବା କଟକଣାକୁ ଅସ୍ଥାୟୀ ଭାବେ ହଟାଇ ଦିଆଯିବ। ପରେ କ୍ରେମଲିନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପୁଟିନ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିବା ନିଶ୍ଚିତ କରିଛନ୍ତି। ପୁଟିନ କହିଛନ୍ତି ଯେ, ଆମେରିକା ଓ ବିଶ୍ୱ ବଜାରକୁ ତେଲ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଯୋଗାଇବା ପାଇଁ ଋଷ୍ ନିଜର ପ୍ରସ୍ତୁତି ନିଶ୍ଚିତ କରିଛି। ଏହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ପୁଟିନଙ୍କ ବିବୃତିରେ କୁହାଯାଇଛି, "ଉଭୟ ଦେଶର ରାଷ୍ଟ୍ରପତିଙ୍କ ମଧ୍ୟରେ ବ୍ୟକ୍ତିଗତ ଯୋଗାଯୋଗ ଜାରି ରଖିବା ସହ ରାଷ୍ଟ୍ରପତିଙ୍କ ପ୍ରଶାସନ, ଗୁଇନ୍ଦା ସଂସ୍ଥା ଏବଂ ଅନ୍ୟାନ୍ୟ ବିଭାଗ ମଧ୍ୟରେ ସହଯୋଗ ବଜାୟ ରଖିବା ନେଇ ସହମତି ପ୍ରକାଶ ପାଇଛି।"

ବିବୃତିରେ ଆହୁରି କୁହାଯାଇଛି ଯେ, ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ "ୟୁକ୍ରେନ୍ ସଙ୍କଟର ସମାଧାନର ସମ୍ଭାବନା, ଇରାନ୍ ସହ ଜଡ଼ିତ ପରିସ୍ଥିତି ଏବଂ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ" ଉପରେ ଚର୍ଚ୍ଚା ହୋଇଥିଲା।

# ୯.୨୪ କୋଟି ଟଙ୍କାର ସରକାରୀ ଅର୍ଥ ହଡ଼ପ ମାମଲାରେ ଆଉ ତିନି ଗିରଫ

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ରାସ୍ତା ଓ ଘର (ଆରଆଣ୍ଡବି) ଡିଭିଜନ୍-୧ କାର୍ଯ୍ୟାଳୟରେ ୯.୨୪ କୋଟି ଟଙ୍କାରୁ ଅଧିକ ସରକାରୀ ଅର୍ଥ ହଡ଼ପ ଅଭିଯୋଗ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଆଉ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା କୋଷାଗାର କାର୍ଯ୍ୟାଳୟର ଜଣେ (ପୃଷ୍ଠା ୭ରେ)




## ଏକାଳ ପଖାଳ



ବନ୍ୟାବାତ୍ୟାରେ ସାହାଯ୍ୟ ଯେତକ
ଖୁବ୍ ଜଲ୍‌ଦି ତ ମିଳୁଛି
ଗରିବ ଦୀନହୀନ ଅସହାୟ
ଜୀବନଟା କିନ୍ତୁ ସଢୁଛି
ଅର୍ଥ କେଉଁ ଆଡେ ଯାଉଛି
କାଗଜପତରେ ସବୁ ପାଉଛନ୍ତି
ପଲିଥିନ କିନ୍ତୁ ଉଡୁଛି !!

# ସୂର୍ଯ୍ୟରେ ବିସ୍ଫୋରଣ, ପୃଥିବୀ ମୁହାଁ ସୌର ଝଡ଼ !



**ନୂଆଦିଲ୍ଲୀ, ୧୦।୧୦**

ମହାକାଶରେ ଦେଖାଦେଇଛି ଅସ୍ୱାଭାବିକ ଗତିବିଧି । ସୂର୍ଯ୍ୟରେ ହୋଇଥିବା ଦୁଇଟି ବିସ୍ଫୋରଣ ପରେ ଆବେଶିତ କଣିକା ଓ ଚୁମ୍ବକୀୟ ପଦାର୍ଥର ବିଶାଳ ମେଘ ପୃଥିବୀ ଆଡ଼କୁ ଗତି କରୁଛି । ଏହାର ପ୍ରଭାବରେ ରବିବାର ପୃଥିବୀରେ ସୌର ଝଡ଼ ବା ସୋଲାର ଷ୍ଟର୍ମ ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ଆମେରିକାର ନ୍ୟାସନାଲ୍ ଓସେନିକ୍ ଆଣ୍ଡ୍ ଆଟମୋସ୍ଫେରିକ୍ ଆଡମିନିଷ୍ଟ୍ରେସନ୍ ପକ୍ଷରୁ ମଧ୍ୟମ ଧରଣର ଏ୨ ଜିଓମ୍ୟାଗ୍ନେଟିକ୍ ଝଡ଼ ନେଇ ସତର୍କ ସୂଚନା ଦିଆଯାଇଛି ।

ଏହି ସୌର ଝଡ଼ର ପ୍ରଭାବ ସାଟେଲାଇଟ୍, ରେଡିଓ ଯୋଗାଯୋଗ ଏବଂ ନେଭିଗେସନ୍ ବ୍ୟବସ୍ଥା ଉପରେ ପଡ଼ିପାରେ । ତେବେ ଏହାର ପ୍ରଭାବ କେତେ ଅଧିକ ହେବ, ତାହା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହ ସୌର ପଦାର୍ଥର ପାରସ୍ପରିକ କ୍ରିୟା ଉପରେ ନିର୍ଭର କରିବ ।

ସୂର୍ଯ୍ୟରେ ଘଟୁଥିବା ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ମହାକାଶକୁ ବିପୁଳ ଶକ୍ତି ଓ ପଦାର୍ଥ ନିର୍ଗତ ହୋଇଥାଏ । ଏହାର ଏକ ପ୍ରମୁଖ କାରଣ ହେଉଛି କରୋନାଲ୍ ମାସ୍ ଇଜେକ୍ସନ୍ । ଏହି ପ୍ରକ୍ରିୟାରେ ସୂର୍ଯ୍ୟରୁ ବିଦ୍ୟୁତ୍ ଆବେଶିତ କଣିକା ଓ ଚୁମ୍ବକୀୟ ପଦାର୍ଥର ଏକ ବିଶାଳ ମେଘ (ପୃଷ୍ଠା ୭ରେ)





# ଏସ୍ଆଇଆର୍‌ରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ଅଭିଯାନ ଆରମ୍ଭ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା। ଯେଉଁ ଯୁବକ-ଯୁବତୀମାନେ ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ଆବେଦନ କରିପାରିବେ। ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ। ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ଓଡିଶା ଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ। ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ। ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ। ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକ୍ଟୋବରରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

# ବାରିପଦାରେ ବିକଶିତ ଭାରତ ସଂକଳ୍ପ ସଭା ଓ ସେବା ଜ୍ୟୋତି ପଦଯାତ୍ରା

**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ବିଜେପି ପକ୍ଷରୁ ବିକଶିତ ଭାରତ ସଂକଳ୍ପ ସଭା ତଥା ସେବା ଜ୍ୟୋତି ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ବାରିପଦା କଲେଜ ପଡ଼ିଆରେ ଅନୁଷ୍ଠିତ ଏହି ସମାବେଶରେ ଶତାଧିକ ଦଳୀୟ କର୍ମୀ, ସମର୍ଥକ ଓ ସାଧାରଣ ଲୋକ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚ୍ୟୁଆଲ୍ ମାଧ୍ୟମରେ ଯୋଡ଼ି ହୋଇ ଉଦବୋଧନ ଦେଇଥିଲେ। ଦେଶର ବିକାଶ, ଜନକଲ୍ୟାଣ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏହି ଅବସରରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ଏସ୍ସିସି ଅଧ୍ୟକ୍ଷ ଡା. ବୁଦ୍ଧାନ ମୁର୍ମୁ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ ପ୍ରମୁଖ ବହୁ ନେତୃତ୍ୱ ଉପସ୍ଥିତ ଥିଲେ। ସଭାରେ ମୋଦୀ ସରକାରଙ୍କ କାର୍ଯ୍ୟକାଳରେ ଦେଶରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଓଡ଼ିଶା ସମେତ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଭା ଶେଷ ହେବା ପରେ ଆରମ୍ଭ ହୋଇଥିଲା 'ସେବା ଜ୍ୟୋତି ପଦଯାତ୍ରା'। ବିଜେପି ନେତା ଓ କର୍ମୀଙ୍କ ସମେତ ବହୁ ସଂଖ୍ୟକ ସମର୍ଥକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। କଲେଜ ପଡ଼ିଆରୁ ଆରମ୍ଭ ହୋଇଥିବା ପଦଯାତ୍ରା ଭଞ୍ଜପୁର ଛକ ଦେଇ ଫାୟାର ଷ୍ଟେସନ ଛକରେ ପହଞ୍ଚିଥିଲା। ସମଗ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବିକଶିତ ଭାରତ ଗଠନର ସଂକଳ୍ପ, ସେବା ଓ ଜନସେବାର ବାର୍ତ୍ତା ଦିଆଯାଇଥିଲା।



# 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା'

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ସ୍ଥାନୀୟ ମିଶନ ପଡ଼ିଆରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ପରିପ୍ରେକ୍ଷୀରେ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ବାଲେଶ୍ୱର ଠାରେ ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା' ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ସଭାରେ ବକ୍ତାମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଲୋକଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବାରେ 'ସେବା ସଂକଳ୍ପ ଅଭିଯାନ'ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଭାଗିତା ଓ ସଂକଳ୍ପର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ସେବା ଜ୍ୟୋତି ଯାତ୍ରା ମିଶନ ଫିଲ୍ଡରୁ ଆରମ୍ଭ ହୋଇ ଏଡିଏମ୍ ଛକ, ଷ୍ଟେସନ ଛକ, ଫକୀର ମୋହନ ଛକ, ଫାଣ୍ଡି ଛକ ଦେଇ ପୁନର୍ବାର ମିଶନ ଫିଲ୍ଡରେ ପହଞ୍ଚିଥିଲା। ଯାତ୍ରାରେ ବିଭିନ୍ନ ବର୍ଗର ଲୋକେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରେ ମିଶନ ଫିଲ୍ଡଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ବିଭିନ୍ନ ଆକର୍ଷଣୀୟ ପରିବେଷଣ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଦିଲ୍ଲୀରୁ ଭାରତର ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ସଂଯୁକ୍ତ ହୋଇ ଦେଶବାସୀଙ୍କୁ ସମ୍ବୋଧିତ ବିକଶିତ ଭାରତକୁ ବିଶ୍ୱ ଦରବାରରେ ତୃତୀୟ ଅର୍ଥନୀତି ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ଜନ ସାଧାରଣଙ୍କୁ ପ୍ରେରଣା ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ପୋଷଣମାସ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କେନ୍ଦ୍ରାପଡାବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତହୋଇଯାଇଛି। ଜିଲ୍ଲାସମାଜମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତଏହି କାର୍ଯ୍ୟକ୍ରମରେ ଅତିରିକ୍ତଜିଲ୍ଲାପାଳ ନବକ୍ରିଷ୍ଣ ଜେନା ରବିନ୍ଦ୍ରକୁମାର ମଲ୍ଲିକ, ମୁଖ୍ୟ ଅତିଥି ଭାବେଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏଡିଓ ଶୁଭସ୍ମିତା ତ୍ରିପାଠୀ, ଡିସିପିଓ ବିଜୟକେତନ ସାହୁ, ଅଧାପିକା ଆରତୀ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡିକର୍ମୀ, ଏସ୍‌ଏଚ୍‌ଜି ସଦସ୍ୟ, କିଶୋରକିଶୋରୀ,ସ୍କୁଲ୍‌ଛାତ୍ରଛାତ୍ରୀ, ଅଭିଭାବକ ପ୍ରମୁଖଉପସ୍ଥିତ ଥିଲେ।




ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଷଣ ଭିତ୍ତିକରେ ସିପି ପ୍ରଦର୍ଶନୀ ଓ ପ୍ରସୂତୀ, ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯିବା ସହ ବିଭିନ୍ନବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ହୋଇଥିବା ୨୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ୯ଟି ବ୍ଲକର ପୋଷଣ ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜକନିକା ବ୍ଲକ ଦ୍ୱିତୀୟସ୍ଥାନ, କେନ୍ଦ୍ରାପଡା ବ୍ଲକ ତୃତୀୟସ୍ଥାନ ଅଧିକାର କରିଥିବା ପଟ୍ଟାମୁଣ୍ଡାଇ ବ୍ଲକକୁ ମାନପତ୍ର, କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସୁପୋଷଣ, ସୁସ୍ଥଜୀବନ ଓ ସମୃଦ୍ଧ ସମାଜଗଠନରେ ବାର୍ତ୍ତା ନେଇ ଜିଲ୍ଲା ସ୍ତରୀୟ ପୋଷଣ ମାସ ୨୦୨୬ ପାଳନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସଂଯୋଜକ ସଂଜୟ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଡ଼କ ସୁରକ୍ଷା ସମିତି ପକ୍ଷରୁ ହେଲ୍‌ମେଟ ବିତରଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୌରପରିଷଦ ମୁଖ୍ୟ ଫାଟକ ସମ୍ମୁଖରେ ସଡ଼କ ସୁରକ୍ଷା ସମିତି ତରଫରୁ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ସଦୟ ଉପସ୍ଥିତିରେ ବିନା ହେଲମେଟରେ ଯାଉଥିବା ଦୁଇ ଚକିଆ ପଥଚାରୀ ମାନଙ୍କୁ ସଡ଼କ ସୁରକ୍ଷା ସଚେତନତା କରିବା ସହ ହେଲମେଟ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିନା ହେଲମେଟ ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କହିଥିଲେ ଯେ, ଯେଉଁ ହସ ମୁହଁ ରେ ରଖି ସେମାନେ ଘରୁ ବାହାରୁଛନ୍ତି, ସେହି ହସ ସହ ପୁଣି ପରିବାର ପାଖକୁ ଫେରିବା ଦରକାର। ସୁରକ୍ଷା ର କିଛି ଉପାୟ ଆମ ହାତରେ ଅଛି। ତେଣୁ ସଡ଼କ ସୁରକ୍ଷା ର ନିୟମ ମାନି ଆମେ ନିଜ ତଥା ସମାଜର କଲ୍ୟାଣ କରିପାରିବା। ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମଧ୍ୟ ସମସ୍ତଙ୍କୁ ସଡ଼କ ସୁରକ୍ଷା ର ନିୟମ ମାନି ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ଉପଦେଶ ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଣୀ ପ୍ରତିଟୀ ତନୟା ମହାନ୍ତି ମଟର ଯାନ ନିରୀକ୍ଷକ ପ୍ରତାପ କୁମାର ବେହେରା,ଯୁଗ୍ମ ମଟରଯାନ ନିରୀକ୍ଷକ ଦମୟନ୍ତୀ ମାହାଲି ଏବଂ ଯୁଗ୍ମ ମଟରଯାନ ନିରିକ୍ଷକ ମନୋରମା ମାଝୀ ଙ୍କ ସମେତ ଜଗତସିଂହପୁର ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକୁ ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସମ୍ପାଦନା କରିଥିଲେ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ସହକର୍ମୀ ମାନେ ଉକ୍ତ କାର୍ଯ୍ୟ କୁ ପରିଚାଳନା କରିଥିଲେ।

# ମୋଦୀଙ୍କ ୨୫ବର୍ଷ ଶାସନର ସଫଳତା ନେଇ ସଚେତନତା

**ଉମରକଟ, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦିନ ଉମରକଟ ଠାରେ ଏକ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ପଦଯାତ୍ରା ପାଳନ ହେବା ସହ ବିକଶିତ ଭାରତର ସଂକଳ୍ପ ସଭା କରାଯାଇଥିଲା। ଏହି ସଭାଯାତ୍ରା ଏକ ବିଶାଳ ରାଲି ମାଧ୍ୟମରେ ଉମରକଟ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ବାହାରି ସହରର ମୁଖ୍ୟରାସ୍ତା ଦେଇ ପରେଡ ଗ୍ରାଉଣ୍ଡ ଠାରେ ଯାଇ ପହଞ୍ଚିଥିଲା ଏହି ସମାବେଶରେ ୧୦ ଟି ବ୍ଲକରୁ ମଟରସାଇକେଲ ସଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଞ୍ଚିଥିଲେ ଏହି ଯାତ୍ରାରେ ବିଭିନ୍ନ ସେବା ସଂସ୍ଥା ଅନୁଷ୍ଠାନରୁ ପ୍ରାୟ ୧୨୦୦୦ ରୁ ଉର୍ଦ୍ଧ ଲୋକ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀକ ଜୀବନ ସୁଶାସନ ଓ ଜନସେବାର



୨୫ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ଭାରତୀୟ ଜନତା ପାର୍ଟି ୭ ଅକ୍ଟୋବର ୨୦୨୬ ଦେଶର ବିଭିନ୍ନ ରାଜ୍ୟ ଓ ଜିଲ୍ଲା ମାନଙ୍କରେ ସେବା ଜ୍ୟୋତି ଯାତ୍ରା ପାଳନ କରାଯାଇଛି ଏହି ଆୟୋଜନ ସେବା ସଙ୍କଳ୍ପ ଅଭିଯାନର ପ୍ରମୁଖ ହିସା ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷ ସେବା ସୁଶାସନ,ଜନକଲ୍ୟାଣ ଏବଂ ରାଷ୍ଟ୍ରର କାର୍ଯ୍ୟ ପ୍ରତ୍ୟେକ ଜନସାଧାରଣଙ୍କ ନିକଟକୁ ପହଞ୍ଚାଇବା ତଥା ବିକଶିତ ଭାରତ ୨୦୪୭ କୁ ସଂକଳ୍ପରେ ସମାଜ ସହିତ ଯୋଡିବା। ଏହି ଯାତ୍ରା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ମସାଲ ଯାତ୍ରା ବାହାର କରାଯାଇଥିଲା ସମୁହ ବନ୍ଦେମାତରମ ଗାନସହ ପ୍ରଧାମନ୍ତ୍ରୀ ମୋଦିଙ୍କ ଆଭାସି ଭାଷଣ ସିଧାପ୍ରସାରଣ ଦେଖାଯାଇଥିଲା ଏବଂ ରାଷ୍ଟ୍ର ନିର୍ମାଣ ର ସଂକଳ୍ପ ନିଆଯାଇଥିଲା ଓ ବିଭିନ୍ନ ବ୍ଲକ ରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂଗ ଭତରା, ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶ,ପୂର୍ବତନ ସାଂସଦ ପର୍ଶୁରାମ ମାଝି,ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକଙ୍କ ସହ ଜିଲ୍ଲା ଓ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସୋନପୁରରେ ୫୯ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଦରଖାସ୍ତ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ଥିଲା। ଅବଶିଷ୍ଟ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

# ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଖପ୍ରାଖୋଲ , ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର କୃତି ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକ ତଥା ଅଞ୍ଚଳ ପାଇଁ ଦୁଇ ଉଦୀୟମାନ କ୍ରୀଡ଼ାବିତ୍ ଗୌରବ ଆଣିଛନ୍ତି। ୧୪ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରେ ସଫଳତା ହାସଲ କରି ଥିବା ଦୁଇ ଛାତ୍ରୀଙ୍କୁ ଖପ୍ରାଖୋଲ ଇଷ୍ଟଦେବୀ ମାଁ ଡୁମେରତଲେନ ଠାରେ ପୂଜା ଅର୍ଚ୍ଚନା କରି ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ରେଙ୍ଗାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ପୁଟେଲ ଉଚ୍ଚ ଡିଆଁରେ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଥିବା ବେଳେ, ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଧରିତ୍ରୀ ନାଗ ଲମ୍ବ ଡିଆଁ ଏବଂ ୬୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ତୃତୀୟ ସ୍ଥାନ



ଅଧିକାର କରି ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆଜି ଦୁଇ କୃତୀ କ୍ରୀଡ଼ାବିତ୍ ଖପ୍ରାଖୋଲ ବସଷ୍ଟାଣ୍ଡରେ ପହଞ୍ଚିବା ପରେ ସେମାନଙ୍କୁ ଆଡ଼ମ୍ବରପୂର୍ଣ୍ଣ ସ୍ୱାଗତ କରାଯାଇଥିଲା। ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନସାଧାରଣ ବାଦ୍ୟଯନ୍ତ୍ରର ତାଳେ ତାଳେ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ଦୁହିଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଛାତ୍ରୀ ଦ୍ୱୟଙ୍କୁ ବିଦ୍ୟାଳୟ ପରିସରକୁ ପାଛୋଟି ନିଆଯାଇଥିଲା। ଗ୍ରାମାଞ୍ଚଳରୁ ବାହାରି ରାଜ୍ୟ ସ୍ତରରେ ବିଦ୍ୟାଳୟ ତଥା ସମଗ୍ର ଅଞ୍ଚଳର ନାମ ରଖିଥିବାରୁ ଖପ୍ରାଖୋଲ ଓ ଏହାର ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଉଭୟ ଛାତ୍ରୀଙ୍କ ଏହି ପ୍ରଶଂସନୀୟ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଗ୍ରାମବାସୀ, ସ୍କୁଲ କମିଟୀ ଓ କ୍ରୀଡ଼ାପ୍ରେମୀ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ବୃକ୍ଷ ରୋପଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଆଶ୍ରା ବୃଦ୍ଧାଶ୍ରମ, କୋଶଳ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏକ୍ ପେଡ୍ ମା କେ ନାମ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ତଥା ଜଗତସିଂହପୁର ପୌରାଞ୍ଚଳର ପୌରାଧକ୍ଷ ମଧୁସୂଦନ ସାହୁ, ସାଧାରଣ ସମ୍ପାଦକ ହିତେଶ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ନାଥ, କାର୍ଯ୍ୟକାରୀ ସଭ୍ୟ ଗୁରୁ ପ୍ରସାଦ କାନୁନଗୋ, ଆଶ୍ରା ବୃଦ୍ଧା ଶ୍ରମର ସମ୍ପାଦକ ଅଜୟ କୁମାର ଖୁଣ୍ଟିଆ, ପ୍ରୋଜେକ୍ଟର ଡାଇରେକ୍ଟର ଉମାକାନ୍ତ ସ୍ୱାଇଁ, କନିଷ୍ଠ ସହାୟକ ମୋନାଲି ସାମନ୍ତରାଏ, ସ୍ଥାନୀୟ କୁରତାଙ୍ଗର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସମାଜସେବୀ ଓ ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭ୍ୟ ବୈରାଗୀ ଚରଣ ସାହୁ ଏବଂ ଆଶ୍ରା ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ମାନେ ସହଯୋଗ କରିଥିଲେ।



# ବୃକ୍ଷରୋପଣରେ ଅନିୟମିତତା: ତଦନ୍ତ ଦାବିକଲେ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚମ୍ପାମାଳୀ ଗ୍ରାମରେ ବୃକ୍ଷରୋପଣ ନାମରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ସମାନ ସ୍ଥାନରେ ବୃକ୍ଷରୋପଣ କରାଯାଉଥିବା ଏବଂ ଗଛର ରକ୍ଷଣାବେକ୍ଷଣ ନକରି ସରକାରୀ ଅନୁଦାନ ହରିଲୁଟ୍ ହେଉଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତବର୍ଷ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଗ୍ରାମର ରଜାବନ୍ଧ ନିକଟସ୍ଥ ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ଗଛ ବଞ୍ଚି ନଥିବା ଗ୍ରାମବାସୀ କହିଛନ୍ତି। ଏହା ସତ୍ତ୍ୱେ ଚଳିତବର୍ଷ ପୁଣି ସେହି ସ୍ଥାନରେ ବୃକ୍ଷରୋପଣ କରାଯାଉଥିବା ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଗତବର୍ଷ ବୃକ୍ଷରୋପଣ ଓ ଗଛର ରକ୍ଷଣାବେକ୍ଷଣ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା, ଏହାର ତଦନ୍ତ କରିବା ସହ ଚଳିତବର୍ଷର କାର୍ଯ୍ୟର ବିଲ୍ ପ୍ରଦାନ ଉପରେ ରୋକ ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ସେବା ଜ୍ୟୋତି ଯାତ୍ରା'ର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଗଣଶିକ୍ଷା ମନ୍ତ୍ରୀ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ 'ସେବା ଜ୍ୟୋତି ଯାତ୍ରା'ର ସୁଚାରୁ ଆୟୋଜନ ଓ ପରିଚାଳନା ନିମନ୍ତେ ଉମରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟରୁ ଯୁବକ-ଯୁବତୀମାନେ ନିଜ ନିଜ 'ସେବା ଜ୍ୟୋତି' ଯାନ ଓ ସାଂସ୍କୃତିକ ଦଳ ସହ ଯୋଗଦେଇ ଉମରକୋଟଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବାରୁ ଏହାର ସୁଚାରୁ ପରିଚାଳନା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ନରସିଂହ ଭତ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ବାସନ୍ତୀ ମାଝୀ, ଉପାଧକ୍ଷ ଲିଙ୍ଗରାଜ ଭତ୍ରା, ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ବିଶ୍ୱଜିତ ବର୍ମନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ମୁଖ୍ୟାଳୟରୁ 'ସେବା ଜ୍ୟୋତି ଯାତ୍ରା' ଆରମ୍ଭ କରି ଉମରକୋଟରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଏକତ୍ରିତ ହେବା ନେଇ ବିସ୍ତୃତ ରୂପରେଖା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ଲକ୍‌ରୁ ଯୁବକ-ଯୁବତୀମାନେ ନିଜ ନିଜ 'ସେବା ଜ୍ୟୋତି' ଯାନ ସହ ଯାତ୍ରାରେ ଯୋଗଦେବା ସହ ସମ୍ପୃକ୍ତ ସାଂସ୍କୃତିକ ଦଳଗୁଡ଼ିକ ଯାତ୍ରା ଓ ମୁଖ୍ୟ କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରଦର୍ଶନ କରିବେ। ଯାତ୍ରାର ସୁଚାରୁ ପରିଚାଳନା ପାଇଁ ରୁଟ୍ ମ୍ୟାପ୍ ପ୍ରସ୍ତୁତି, ପ୍ରତ୍ୟେକ ଯାତ୍ରା ପାଇଁ ପ୍ରଭାରୀ ନିଯୁକ୍ତି, ଯାନବାହନ ବ୍ୟବସ୍ଥା, ଟ୍ରାଫିକ୍ ଓ ପାର୍କିଂ ପରିଚାଳନା, ଅଂଶଗ୍ରହଣକାରୀଙ୍କ ପାଇଁ ପାନୀୟ ଜଳ ଓ ଜଳଖିଆ ବ୍ୟବସ୍ଥା ଏବଂ ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହ ସମନ୍ୱୟ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ସହିତ ଉମରକୋଟସ୍ଥିତ ମୁଖ୍ୟ କାର୍ଯ୍ୟକ୍ରମ ସ୍ଥଳରେ ମଞ୍ଚ, ସାଉଣ୍ଡ ସିଷ୍ଟମ୍, ଏଲଇଡି ସ୍କ୍ରିନ୍, ଭିଡିଓ କନଫରେନ୍ସିଂ, ଇଣ୍ଟରନେଟ୍ ସଂଯୋଗ, ଆଲୋକୀକରଣ ଓ ଅନ୍ୟାନ୍ୟ ଆବଶ୍ୟକ ବୈଷୟିକ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଜିଲ୍ଲା ଆଇଟି ଟିମ୍‌ର ସହଯୋଗ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, 'ସେବା ଜ୍ୟୋତି' ଯାନ ଓ ସାଂସ୍କୃତିକ ଦଳର ଯୋଗଦାନ ମାଧ୍ୟମରେ ଏହି ଯାତ୍ରାକୁ ଜନସଂପୃକ୍ତ ଓ ସୁସଂଗଠିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମନ୍ତ୍ରୀ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓମାନଙ୍କୁ ନିଜ ନିଜ ଦାୟିତ୍ୱ ଅନୁଯାୟୀ ପୂର୍ବ ପ୍ରସ୍ତୁତି ସମ୍ପନ୍ନ କରିବା ସହ ବିଭିନ୍ନ ବିଭାଗ ଓ ବ୍ଲକ୍ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳତାର ସହ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପ୍ରଥମ ଥର ମୃତ୍ୟୁଦଣ୍ଡର ସିଧାପ୍ରସାରଣ

ପ୍ରଥମ ଥର ମୃତ୍ୟୁଦଣ୍ଡର ସିଧାପ୍ରସାରଣ କରିବ ଆମେରିକା । ପୂର୍ବ ଆର୍ମି ମେଜର ନିଦାଲ ହସନଙ୍କୁ ଗୁଳି କରି ମୃତ୍ୟୁଦଣ୍ଡ ଦିଆଯିବ । ହସନ ୨୦୦୯ରେ ଟେକ୍ସାସର ସୈନ୍ୟ ଠିକଣାରେ ଧାର୍ମିକ ସ୍ଲୋଗାନ୍ ଦେଇ ଗୁଳିକାଣ୍ଡ କରିଥିଲେ । ଏଥିରେ ୧୩ ସୈନ୍ୟ ପ୍ରାଣ ହରାଇଥିଲେ। ଆସନ୍ତା ଡିସେମ୍ବର ୩ରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ । ରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ କହିଛନ୍ତି, ଏହି ମୃତ୍ୟୁଦଣ୍ଡର ସିଧାପ୍ରସାରଣ ହେବ, ଯାହାକୁ ସାଧାରଣ ଲୋକ ଦେଖିପାରିବେ। ବିଗତ ୧୦୦ ବର୍ଷରେ ଆମେରିକାରେ ଏହା ପ୍ରଥମ ଏ ପ୍ରକାର ମୃତ୍ୟୁଦଣ୍ଡ ହେବ । ୫ ନଭେମ୍ବର, ୨୦୦୯ରେ ସେନାର ମନୋଚିକିତ୍ସକ ହସନ ନିଜ ପିସ୍ତଲ ସହିତ ଫୋର୍ଟ ହୁଡ୍ ସୈନ୍ୟ ଠିକଣାରେ ପହଞ୍ଚି ସୈନ୍ୟ ଓ ଅନ୍ୟମାନଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ । ଏହା ଆମେରିକୀୟ ସୈନ୍ୟ ଠିକଣାରେ ସଂଘଟିତ ସବୁଠୁ ଘାତକ ସାମୂହିକ ଗୁଳିକାଣ୍ଡ ଥିଲା । ସେତେବେଳେ ଆମେରିକା ଆଫଗାନିସ୍ତାନ ଓ ଇରାକରେ ଯୁଦ୍ଧ କରୁଥିଲା। ପରେ ହସନ କହିଥିଲେ, ସେ ଏହି ଯୁଦ୍ଧକୁ ବେଆଇନ ଓ ଅନୈତିକ ମାନୁଥିଲେ ଏବଂ ଜିହାଦ ପାଇଁ ଆକ୍ରମଣ କରିଥିଲେ । ଗୁଳିକାଣ୍ଡରେ ହସନ ମଧ୍ୟ ଆହତ ହୋଇ ଅଣ୍ଟା ତଳକୁ ପକ୍ଷାଘାତର ଶିକାର ହୋଇଥିଲେ । କୋର୍ଟରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ୨୦୧୩ରେ ତାଙ୍କୁ ମୋଟ୍ ୪୫ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଆକ୍ରମଣକୁ ନେଇ ତାଙ୍କର କୌଣସି ପଶ୍ଚାତାପ ନ ଥିଲା। ଘଟଣାରେ ସେ ସହିଦ ହେବାକୁ ଚାହୁଁଥିଲେ। ମୃତ୍ୟୁ ଦଣ୍ଡ ମିଳିବା ପରେ ବି ସେ ନିଜକୁ ସହିଦ ମାନିବେ ବୋଲି କହିଥିଲେ। ହସନଙ୍କୁ ସୈନ୍ୟଙ୍କର ଏକ ଟିମ୍ ଗୁଳି କରି ମୃତ୍ୟୁଦଣ୍ଡ ଦେବ । ୧୯୬୧ ମସିହା ପରେ ଆମେରିକୀୟ ସୈନ୍ୟ ନ୍ୟାୟ ବ୍ୟବସ୍ଥାରେ ମୃତ୍ୟୁ ଦଣ୍ଡ ପାଇଥିବା ହସନ ପ୍ରଥମ ବ୍ୟକ୍ତି ହେବେ। ଶେଷ ଥର ପ୍ରାଇଭେଟ୍ ଜନ୍ ଏ. ବେନେଟଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ୨ ତାରିଖ ହସନଙ୍କୁ ମୃତ୍ୟୁଦଣ୍ଡ ଲାଗି ମଞ୍ଜୁରି ପ୍ରଦାନ କରିଥିଲେ । ତେବେ ହସନଙ୍କ ପାଖରେ ଦଣ୍ଡ ବିରୋଧରେ ଅପିଲର ବିକଳ୍ପ ଅଛି। ଏହା ଦ୍ୱାରା ଦଣ୍ଡ ଉପରେ ରୋକ ଲଗାଯାଇ ପାରିବ।

## ସଂପାଦକଙ୍କୁ ପତ୍ର

ଆପଣଙ୍କ ମତାମତ



**ମହାଶୟ,**

ପ୍ରତି ବର୍ଷ ଓଡିଶା ସରକାର, ବାଣିଜ୍ୟ ଓ ପରିବହନ ବିଭାଗ ମାଧ୍ୟମରେ, ରାଜ୍ୟ ସଚିବାଳୟର ଉପବିଭାଗ ଅଧିକାରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ଦୂରଭାଷ (ଟେଲିଫୋନ) ନମ୍ବର ଗୁଡିକ ଗୋଟିଏ ପୁସ୍ତକ ଆକାରରେ ପ୍ରକାଶନ କରୁଥିଲେ, ଯଦ୍ୱାରା ସାଧାରଣ ନାଗରିକଟିଏ ସମ୍ପୃକ୍ତ ଅଧିକାରୀଙ୍କ ସହ ବାର୍ତ୍ତାଳାପ କରି ନିଜର ଦୁଃଖ ଗୁଡିକ ଜଣାଇ ପାରୁଥିଲା। କିନ୍ତୁ କୌଣସି କାରଣ ଯୋଗୁ ସେ ପୁସ୍ତକ ଆଉ ପ୍ରକାଶିତ ହେଉ ନାହିଁ। ପ୍ରକାଶନ ନହେବା ଯେତିକି ଚିନ୍ତାଜନକ ନୁହେଁ ଏହା ଦ୍ୱାରା ଯେ ପ୍ରଶାସନ, ସାଧାରଣ ନାଗରିକ ଠାରୁ ଦୂରେଇ ଯାଉଛି, ତାହା ଅଧିକ ଉଦବେଗର କାରଣ। ବିଶେଷ ଅନୁଧ୍ୟାନରୁ ଜଣା ଯାଉଛି ଯେ ଅଧିକାଂଶ ଅଧିକାରୀଙ୍କ ପାଖରେ ଆଉ "ଲାଣ୍ଡ ଲାଇନ" ଫୋନ ନାହିଁ – ସମସ୍ତେ ଖଣ୍ଡେ ଖଣ୍ଡେ ମୋବାଇଲ ଧରି ବସିଛନ୍ତି। ସଚିବାଳୟ ର "ପି.ବିଏକ୍ସ" ବୋଧେ ଆଉ ନାହିଁ।

ଏକରେ ରାଜ୍ୟର ମୁଖ୍ୟ ଦପ୍ତରକୁ ସାଧାରଣ ନାଗରିକଟିର ପ୍ରବେଶ ଖୁବ ନିୟନ୍ତ୍ରିତ ଓ ଏହା ସହ ଦୂରଭାଷର ସଂଖ୍ୟା ଗୁଡିକ ପ୍ରକାଶିତ ହେଉ ନଥିବାରୁ, ସେ ଦପ୍ତର ଟି ସୁବିଧା – ଜନକ ଯୋଗାଯୋଗ ଠାରୁ ବିଚ୍ଛିନ୍ନ। ମୋବାଇଲର ସୁବିଧା ହେଲା ଯେ ସମ୍ପୃକ୍ତ ଅଧିକାରୀଙ୍କୁ କିଏ ଡାକୁଛି ତାହା ସିଏ ଜାଣି ପାରିବେ ଓ ଡ଼ାକିବା ଲୋକଟିର ବ୍ୟକ୍ତିତ୍ୱର ଗୁରୁତ୍ୱ ନେଇ ସେ ଫୋନ ଉଠେଇ କଥା ହେବେ କିମ୍ବା ନହୋଇ ବି ପାରନ୍ତି। ଅଜଣା ବ୍ୟକ୍ତି, ଯାହାଙ୍କ ନମ୍ବର ଓ ନାଁ, ତାଙ୍କ ମୋବାଇଲରେ ସୁରକ୍ଷିତ ନାହିଁ ସେଭଳି ଲୋକଙ୍କ ଫୋନ ସହ କଥା ହେଉଥିବା ଅଧିକାରୀଙ୍କ ସଂଖ୍ୟା ନଗଣ୍ୟ। ଯେଉଁ ଲୋକଟି ମୋତେ ଫୋନ କରୁଛି, ସିଏ ଯଦି ମୋର ଉପକାର କରି ପାରିବ କିମ୍ବା ମୋର ଅପକାର କରିବାର କ୍ଷମତା ରଖି ପାରିଥିବ, ତେବେ ତା ସହ ମୁଁ କଥା ହେବି– ଏ ଭଳି ମାନସିକତା ଦ୍ୱାରା ପ୍ରାୟ ସମସ୍ତେ ପ୍ରଭାବିତ।

ସରକାର ଓ ନାଗରିକ ସମାଜ– ଯେତେ ପରସ୍ପରର ନିକଟତର ହୋଇ ପାରିଥିବେ, ତାହା ଶକ୍ତିଶାଳୀ ପ୍ରଶାସନର ନିଦର୍ଶନ।

ସରକାର ଏ ବିଷୟଟିକୁ ଚିନ୍ତା କରିବେ କି ?

**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
**ଭୁବନେଶ୍ୱର**
**ମୋ : ୯୪୩୯୪୯୦୦୦୯**

# ବିରଜା ଦେବୀଙ୍କ ଶାରଦୀୟ ପୂଜା ଓ ରଥଯାତ୍ରା



**ବିରଜା ରତ୍ନ ପଣ୍ଡିତ**
**ଭୂପତି ଭୂଷଣ ମିଶ୍ର**
**ସଭାପତି, ବିରଜାମଣ୍ଡଳ ଗଣକମଣ୍ଡଳୀ – ପଣ୍ଡିତ ସଭା, ଯାଜପୁର**
**ମୋ – ୯୪୩୮୫୬୧୦୮୯**

ଶକ୍ତି ସଂସ୍କୃତିରେ ବିରଜା ଦେବୀଙ୍କର ଶାରଦୀୟ ପୂଜା ବିଶେଷ ମହତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥାଏ । ମହନୀୟତା ହେଉଛି ଯେ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପ୍ରଚଳିତ ପିତୃପକ୍ଷରେ ଦେବୀ ବିରଜା ପିତୃକନ୍ୟାରୂପେ ପୂଜା ପାଇଥାନ୍ତି କିନ୍ତୁ ଶୁକ୍ଳପକ୍ଷରେ ତାଙ୍କର ପୂଜା ମହିଷମର୍ଦ୍ଦିନୀ ଦୁର୍ଗା। ରୂପରେ କରାଯାଇଥାଏ । ଶକ୍ତି ପୂଜାର ପରମ୍ପରାଗତ ବିଧି ଅନୁସାରେ ମୂଳାଷ୍ଟମୀଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀଙ୍କର ଷୋଡ଼ଶ ଦିବସୀୟ ପୂଜା ଅନୁଷ୍ଠିତ ହୁଏ । ଏହି ଅବସରରେ ତିନୋଟି ବିଶେଷତ୍ୱ ପରିଲକ୍ଷିତ ହୁଏ। ପ୍ରଥମତଃ ଦେବୀଙ୍କର ବିଭିନ୍ନ ବେଶ ସହିତ ମନ୍ତ୍ରର ପରିବର୍ତ୍ତନ ହୋଇଥାଏ। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ବନଦୁର୍ଗା ମନ୍ତ୍ରରେ, ମହାଷ୍ଟମୀ ରାତ୍ରିରେ ଉଗ୍ରଚଣ୍ଡ ମନ୍ତ୍ରରେ ଓ ମହାନବମୀରେ ମହାମାରୀ ମନ୍ତ୍ରରେ ଦେବୀଙ୍କର ଉପାସନା କରାଯାଇଥାଏ । ଏହା ଶକ୍ତି ଉପାସନାର ଏକ ବିରଳ ପରମ୍ପରା । ଦ୍ୱିତୀୟତଃ ଶାରଦୀୟ ପୂଜାରେ ଦେବୀଙ୍କର ରଥଯାତ୍ରା। ଶୁକ୍ଳ ପ୍ରତିପଦଠାରୁ ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଶକ୍ତିପୀଠରେ ରଥଯାତ୍ରା ଅନ୍ୟତ୍ର ଦେଖାଯାଏ ନାହିଁ । ତୃତୀୟତଃ ମହାନବମୀର ନିଶାର୍ଦ୍ଧରେ ମା'ଙ୍କର ବିଜେ ପ୍ରତିମା ରଥରୁ ଅବତରଣ କରି ଲକ୍ଷ୍ୟଭେଦ ପାଇଁ ଦୋଳାରେ ଆରୋହଣପୂର୍ବକ ବିଭିନ୍ନ ମଙ୍ଗଳ ବାଦ୍ୟ ଧ୍ୱନି ସହିତ ଲାଖବିନ୍ଧା ପଡ଼ିଆକୁ ଯାତ୍ରା କରନ୍ତି । ଏହି ତିନିପ୍ରକାର ବିଶେଷତ୍ୱ ବହନ କରି ମା' ବିରଜାଙ୍କର ଶାରଦୀୟ ପୂଜା ମହାସମାରୋହରେ ପାଳନ କରାଯାଏ। ଏହି ଅବସରରେ ଷୋହଳଟି କଳସ, ଷୋହଳ ଉପଚାର, ଷୋହଳ ଦିବସରେ ଷୋହଳ ଜଣ ବ୍ରାହ୍ମଣ ପୂଜା ସମ୍ପାଦନ କରିଥାନ୍ତି । ଏତଦ୍ ବ୍ୟତୀତ ପ୍ରତିଦିନ ବୈତରଣୀର ପବିତ୍ର ଜଳରେ ମହାସ୍ନାନ ସହିତ ପଞ୍ଚମୀ ତିଥିରୁ ଆରମ୍ଭ ହୋଇଥିବା ମହାହୋମର ପରିସମାପ୍ତି ମହାଷ୍ଟମୀ ତିଥିରେ ଘଟିଥାଏ ।



ଶକ୍ତି ସଂସ୍କୃତିରେ ରଥଯାତ୍ରା। ବିରଜାକ୍ଷେତ୍ରର ମହନୀୟତାକୁ ବହୁ ଭାବରେ ପ୍ରତିପାଦନ କରିଥାଏ । ବନଯାଗ ବିଧି ସମାପନ ହେବାପରେ ଶୁଭ ସୁନିଆଁରୁ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମହାଳୟା ଅମାବାସ୍ୟ ତିଥିରେ ସମାପ୍ତ ହୋଇଥାଏ । ଏହି ରଥର ଉଚ୍ଚତା ୩୪ ହାତ ୧୬ ଆଙ୍ଗୁଳି । ଦୈର୍ଘ୍ୟ ୧୪ ହାତ ୪ ଆଙ୍ଗୁଳି ଓ ପ୍ରସ୍ଥ ୧୧ ହାସ ୯ ଆଙ୍ଗୁଳି ହୋଇଥାଏ । ଏହି ରଥର ନାମ ସିଂହଧ୍ୱଜ କାରଣ ରଥର ଧ୍ୱଜରେ ସିଂହଚିହ୍ନ ବିରାଜମାନ ହୋଇଥାଏ । ଶାସ୍ତ୍ରରେ ଅଛି –

**ଦେବ୍ୟା ରଥ ପିନାକି ତ୍ୱଂ ବ୍ରହ୍ମଣା ନିର୍ମିତଃ ପୁରା**
**ମମ ପାପ ବିନାଶାୟ ସିଂହଧ୍ୱଜ ନମୋଽସ୍ତୁତେ ॥**

ଏହି ରଥ ବାର ଚକ ଓ ତେର ଥାକ ବିଶିଷ୍ଟ । ଏଥିରେ ଛଅଟି ଅଂଶ, ଚବିଶଟି ଧାରଣା ଓ ଚଉଷଠି ଖୁଂଟି ଥାଏ । ସମୁଦାୟ ୮୯୮ ଖଣ୍ଡ କାଠ ରଥ ନିର୍ମାଣରେ ବ୍ୟବହୃତ ହୋଇଥାଏ। ମହାଳୟା ଅମାବାସ୍ୟା ତିଥିରେ ରଥର ନିର୍ମାଣରେ ବ୍ୟବହୃତ ହୋଇଥାଏ । ମହାଳୟା ଅମାବାସ୍ୟା ତିଥିରେ ରଥର ଅଧିବାସ କର୍ମ ଓ ପ୍ରତିପଦ ତିଥିରେ ପ୍ରତିଷ୍ଠା କର୍ମ ସମ୍ପାଦିତ ହୁଏ । ପ୍ରତିଷ୍ଠା ମଣ୍ଡପରେ ଦ୍ୱାରପାଳ ପୂଜା, ତୋରଣ ପୂଜା, ରଥ ଦେବତାଙ୍କର ଆବାହନ, ପାର୍ଶ୍ୱ ଦେବାଙ୍କର ପୂଜା ଓ ଯଜ୍ଞକାର୍ଯ୍ୟ କରାଯାଇଥାଏ । ଏହି ରଥରେ ନବଗ୍ରହ, ଅଷ୍ଟଦିକ୍‌ପାଳ, ନବଦୁର୍ଗା ତଥା ସିଦ୍ଧ, ଚାରଣ, ଗନ୍ଧର୍ବ ପ୍ରଭୃତି ଅବସ୍ଥାନ କରିଥାନ୍ତି । ଏହି ରଥରେ ସାରଥି ସ୍ୱୟଂ ଚତୁର୍ମୁଖ ବ୍ରହ୍ମା । ରଥରେ ଅଶ୍ୱ, ସିଂହ ତଥା ଦୁଇଟି ହାତୀ ସଂଯୁକ୍ତ ହୋଇଥାନ୍ତି ।

ପ୍ରତିପଦ ତିଥିରେ ରଥ ପ୍ରତିଷ୍ଠା ପରେ ଦେବୀଙ୍କର ବିଜେ ପ୍ରତିମା ରଥରେ ବିରାଜମାନ କରନ୍ତି । ତାହାପରେ ଅପରାହ୍ନରେ ଦେବୀଙ୍କର ରଥ ମନ୍ଦିର ବେଢ଼ା ପରିକ୍ରମା କରନ୍ତି। ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ନବଦିନାତ୍ମକ ରଥଯାତ୍ରା ବିରଜାକ୍ଷେତ୍ରର ଏକ ଅନନ୍ୟ ପରମ୍ପରା। ଏହି ସମୟରେ ଦେବୀଙ୍କୁ ରଥରେ ଦର୍ଶନ କଲେ ମନୁଷ୍ୟ ପଞ୍ଚସୂନା ପାପରୁ ମୁକ୍ତ ହୋଇ ଦେବୀଙ୍କର ସ୍ୱରୂପ ଲାଭ କରିଥାଏ । ରଥଯାତ୍ରାର ପରିସମାପ୍ତି ପରେ ଶ୍ରଦ୍ଧାଳୁମାନେ ବିଜେ ପ୍ରତିମାକୁ ଦୋଳାରେ ବସାଇ ମନ୍ଦିରର ପୂର୍ବ ଦିଗରେ ଅବସ୍ଥିତ ଡାକେଶ୍ୱରୀଙ୍କ ନିକଟରେ ବେଦୀ ଉପରେ ସ୍ଥାପନ କରନ୍ତି । ପୂଜକ ବିଧି ଅନୁସାରେ ପୂଜା କରି ଦେବୀଙ୍କ ହସ୍ତରେ ଧନୁଶର ଅର୍ପଣ କରନ୍ତି । ଦେବୀଙ୍କ ପ୍ରତିନିଧିରୂପେ ନିଜେ ଚାରିଦିଗକୁ ଚାରୋଟି ଶର ନିକ୍ଷେପ କରନ୍ତି । ତାହାପରେ ଦେବୀ ଦୋଳାରେ ବସି ମନ୍ଦିରର ସିଂହାସନରେ ପୂର୍ବପରି ସ୍ଥାପିତ ହୁଅନ୍ତି। ତାହାପରେ ସୁମିଷ୍ଟ ପଣା ଅର୍ପଣପୂର୍ବକ ଦେବୀଙ୍କୁ ବିଶ୍ରାମ ଦିଆଯାଏ । ଏହି ଶାରଦୀୟ ପୂଜାର ସମସ୍ତ ବିଧିବିଧାନ ଶକ୍ତିପଲ୍ଲବ ନାମକ ତନ୍ତ୍ରର ଆଧାରରେ ସମ୍ପାଦିତ ହୋଇଥାଏ।

# ଭାରତର ବିବେକ ରକ୍ଷକ ଜୟପ୍ରକାଶ



**ଡ.ଚନ୍ଦ୍ରକଳା ନାୟକ**
**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ–୯୪୩୭୯୫୭୬୧୭**

ଆମ ସମାଜରେ ଗରିବ ଓ ଭୂମିହୀନ ଲୋକମାନେ ଅଭାବ ଅନାଟନରେ ସମୟ ଅତିବାହିତ କରନ୍ତି। ଆଖିରେ ଲୁହ, ହୃଦୟରେ କୋହ, ମନରେ ବେଦନା ନେଇ ସମୟ କଟାନ୍ତି। ସତେ ଯେମିତି ଦୁଃଖ ଯନ୍ତ୍ରଣା ଲାଭ କରିବା ପାଇଁ ସେମାନଙ୍କ ଜନ୍ମ। ବ୍ରିଟିଶ ଶାସନ ବେଳେ ସେମାନେ ଜମିଦାର ମାନଙ୍କ ଦ୍ୱାରା ଗରୀବ ଶ୍ରେଣୀ ଭାବେ ଶୋଷିତ ଓ ପିଡିତ ହେଉଥିଲେ। ସେହି ଗରୀବ ଦୁଃଖୀ ଜନତାଙ୍କ ଦୁଃଖରେ ମ୍ରିୟମାଣ ହୋଇ ଗାନ୍ଧିଜୀ ଏବଂ ତାଙ୍କର ଅନୁଚର ଜୟ ପ୍ରକାଶ ନାରାୟଣ ସର୍ବୋଦୟ ଆନ୍ଦୋଳନର ପୁରୋଧା ସାଜିଥିଲେ।

ଜୟପ୍ରକାଶ ନାରାୟଣ ୧୯୦୨ ମସିହା ଅକ୍ଟୋବର ମାସ ୧୧ ତାରିଖରେ ବିହାରର ଗଙ୍ଗା ଏବଂ ଘାଘରା ନଦୀ ସଙ୍ଗମ ସ୍ଥଳରେ ଅବସ୍ଥିତ ସୀତାବଦିଆରା ଗାଁରେ ଏକ ମଧ୍ୟବିତ୍ତ କାୟସ୍ଥ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିତା ହର୍ଷୁ ଦୟାଲ ଏବଂ ମାତା ଫୁଲରାଣୀ ନିଜ ପୁତ୍ରକୁ ନେଇ ବହୁ ସ୍ୱପ୍ନ ଦେଖୁଥିଲେ। ପିତା ବିହାରର କେନାଲ ବିଭାଗରେ ଜଣେ ସାଧାରଣ କର୍ମଚାରୀ। ମାତା ଥିଲେ ଆଧ୍ୟାତ୍ମିକବାଦୀ ମହିଳା। ଜୟପ୍ରକାଶଙ୍କ ବାଲ୍ୟଶିକ୍ଷା ଗାଁ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ପାଟନା କଲେଜିଏଟ ସ୍କୁଲରେ ପହଁଚିଥିଲା। ସେଠାରେ ମେଧା ପାଇଁ ହାଇସ୍କୁଲ ସ୍ତରରେ ୧୯୦୯ ମସିହାରେ ସେ ବୃତ୍ତି ପାଇଥିଲେ। ଠିକ ସେହି ସମୟରେ ଜାତୀୟତାବାଦ, ସମାଜବାଦ ଏବଂ ଗାନ୍ଧିଜୀଙ୍କ ଆହ୍ୱାନରେ ଗଣଆନ୍ଦୋଳନ ତାଙ୍କୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିଥିଲା। ପାଟନା ମହାବିଦ୍ୟାଳୟରେ ସେ ବିଜ୍ଞାନ ବିଭାଗରେ ଅଧ୍ୟୟନ କରିବା ସମୟରେ ୧୯୧୫ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଫେରି ବିହାରର ଚମ୍ପାରଣ ଠାରେ ତାଙ୍କର ସତ୍ୟାଗ୍ରହ ଆରମ୍ଭ କରିଥିଲେ। ଏହି ଠାରେ କୃଷକ ମାନେ ଇଂରେଜ ମାନଙ୍କ ଦ୍ୱାରା ଅଧିକ ଶୋଷିତ ହେଉଥିଲେ। ଜୟପ୍ରକାଶଙ୍କୁ ଏହା ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିଥିଲା। ୧୯୨୦ ମସିହାରେ ବିହାରର ଜାତୀୟବାଦୀ ନେତା ବ୍ରଜକିଶୋର ବାବୁ ଜୟପ୍ରକାଶଙ୍କୁ ଦେଶପ୍ରୀତି ପ୍ରତି ଆକର୍ଷିତ କରିଥିଲେ। ବ୍ରଜକିଶୋରଙ୍କ ୧୮ ବର୍ଷର କନ୍ୟା ପ୍ରଭାବତୀଙ୍କୁ ଜୟପ୍ରକାଶଙ୍କ ସହ ବିବାହ ମଧ୍ୟ କରାଇଲେ। ଏହା ଥିଲା ଜୟପ୍ରକାଶଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ହେବା ପାଇଁ ସେ ଗୋଡ ବଢାଇଲେ। ଏହି ଆନ୍ଦୋଳନର ଦୁଇଟି ଲକ୍ଷ୍ୟ ଥିଲା। ଗୋଟିଏ ହେଲା ସ୍ୱଦେଶୀ , ଅନ୍ୟଟି ସ୍ୱରାଜ। ସେହି ବର୍ଷ ଆଇଏସସି ପରୀକ୍ଷା ନଦେଇ ଜୟପ୍ରକାଶ କହିଥିଲେ, ସ୍ୱାଧୀନତା ହାସଲ ଆଗରେ ଆଉ ସବୁ ଗୌଣ। କିନ୍ତୁ ଦୁର୍ଭାଗ୍ୟ, ଠିକ ସେତିକି ବେଳେ ଉତ୍ତରପ୍ରଦେଶର ଚୌରାଚୌରୀ ଘଟଣା ପାଇଁ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରହିଲା। ଜୟପ୍ରକାଶ ଆଇଏସସି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ। ବ୍ରିଟିଶ ଅଧିନସ୍ଥ ଶିକ୍ଷାନୁଷ୍ଠାନରେ ପଢିବେ ନାହିଁ ସ୍ଥିର କରି ଆମେରିକା ଚାଲିଗଲେ। ସେ କାଲିଫର୍ଣ୍ଣିଆର ଚିକାଗୋ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ଆର୍ଥିକ ସମସ୍ୟାର ଦୂରୀକରଣ ପାଇଁ ଆମେରିକାର କେତେ ଗୁଡିଏ କାରଖାନା ଓ ଭୋଜନାଳୟରେ ସେ କାମ କରୁଥିଲେ। ସେ ଉଇସକନସିନରେ ଅଧ୍ୟୟନ କରୁଥିବା ବେଳେ ପ୍ରଥମ ଥର କମ୍ୟୁନିଷ୍ଟ ମାନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ସେ କାଲମାର୍କସ , ଗୋର୍କି ଏବଂ ମାନବେନ୍ଦ୍ର ନାଥ ରାୟଙ୍କ ଲେଖା ମାନ ପଢିଲେ। ଆମେରିକାରେ ତାଙ୍କର ସଂଘର୍ଷପୂର୍ଣ୍ଣ ଜୀବନ କମ୍ୟୁନିଷ୍ଟ ଚିନ୍ତାଧାରା ଦ୍ୱାରା ଅଧିକ ପ୍ରଭାବିତ ହେଲା। ରୁଟି ଓ ସମାନତା ରାଜନୈତିକ ସ୍ୱାଧୀନତା ଠାରୁ ଅଧିକ ମୂଲ୍ୟବାନ ବୋଲି ଜୟପ୍ରକାଶଙ୍କ ହୃଦବୋଧ ହେଲା। ୧୯୨୯ ମସିହାରେ ସେ ଭାରତକୁ ଫେରି ଆସିଥିଲେ। ଭାରତ ଫେରିବା ପରେ ତାଙ୍କ ପରିବାର ଚାହୁଁଥିଲା, ସେ ବନାରସ ବିଶ୍ୱବିଦ୍ୟାଳୟରେ ଅଧାପକ ଭାବେ ଯୋଗ ଦିଅନ୍ତୁ। ମାତ୍ର ସେ ଦେଶ ମାତୃକା ପାଇଁ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ନେଲେ। ସର୍ବଦା ସାମ୍ୟବାଦୀ ଚେତନା ତାଙ୍କ ହୃଦୟରେ ରହିଥିଲା। ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ମାତୃ ବିୟୋଗ କାରଣରୁ ସେ ସକ୍ରିୟ ଅଂଶ ଗ୍ରହଣ କରି ନଥିଲେ। ଆନ୍ଦୋଳନର ଦ୍ୱିତୀୟ ସ୍ତରରେ ସେ ମୁଖ୍ୟ ନେତୃତ୍ୱ ନେଇ ଦୁର୍ଭାଗ୍ୟବଶତ ଅଟକବନ୍ଦୀ ହେଲେ। ଜେଲ ଭିତରେ ରହି ଜାତୀୟତା ଆନ୍ଦୋଳନର ସମାଜବାଦୀ ଦିଗ ପ୍ରତି ସେ ଦୃଷ୍ଟି ଦେଲେ। ସେହି ସମାଜବାଦୀ ଦଳ ଭାରତୀୟ ସଂସ୍କୃତି ଆଧାରରେ ହେବା ଆବଶ୍ୟକ ବୋଲି ସେ ଜୋର ଦେଇ କହିଥିଲେ। ଠିକ ତା'ର ଦୁଇବର୍ଷ ପରେ ଜବାହରଲାଲ ନେହରୁଙ୍କ ଦ୍ୱାରା ସେ କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ମନୋନୀତ ହେଲେ।

ମହାତ୍ମା ଗାନ୍ଧୀଙ୍କ ଚରଖା ଏବଂ ଖଦି ସମ୍ପର୍କରେ ସେ ଖୋଲାଖୋଲି ସମାଲୋଚନା କଲେ। କିନ୍ତୁ ମହାତ୍ମା ଗାନ୍ଧୀ ତାଙ୍କୁ ଅଗ୍ନିଯୋଦ୍ଧା ରୂପେ ବର୍ଣ୍ଣନା କରିଥିଲେ। ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନ ବେଳେ ସେ ହଜାରିବାଗ ଜେଲରେ ଥିଲେ ସତ, ମାତ୍ର ଦିପାବଳୀ ରାତ୍ରିରେ ତାଙ୍କର ଅନ୍ୟ ସହଯୋଗୀ ମାନେ ଜେଲର ପାଚେରୀ ଡେଇଁ ଫେରାର ହୋଇ ଯାଇଥିଲେ। ୧୯୪୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ସମସ୍ତ ନେତାଙ୍କୁ ମୁକ୍ତ କରାଗଲା। କିନ୍ତୁ ଜୟପ୍ରକାଶ ନାରାୟଣ ୧୯୪୬ ମସିହାରେ ମୁକ୍ତି ପାଇଲେ। ୧୯୪୭ ରେ ଭାରତ ସ୍ୱାଧୀନତା ପରେ ଜୟପ୍ରକାଶ ବହୁ ପ୍ରତିଭାର ଭୂମିକା ପ୍ରଦର୍ଶନ କରିଥିବାରୁ ତାଙ୍କୁ ଭାରତର ଲୋକନାୟକର ଆଖ୍ୟା ଦିଆଗଲା। ସର୍ବଦା ସମାଜବାଦ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ କଂଗ୍ରେସ ଉପରେ ଚାପ ପକାଉଥିଲେ। ଗାନ୍ଧିଜୀଙ୍କ ମୃତ୍ୟୁ ପରେ ସେ ଚିନ୍ତାଧାରା କଂଗ୍ରେସରୁ ଲୋପ ପାଇଗଲା। ସେହି କାରଣରୁ ସେ କଂଗ୍ରେସ ଦଳ ତ୍ୟାଗ କଲେ। ନିଜକୁ ଜଣେ ଜୀବନଦାନୀ ରୂପେ ପ୍ରତିପାଦନ କରି ୧୯୫୪ ମସିହାରେ ବିନୋବା ଭାବେଙ୍କ ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେଲେ। ସର୍ବୋଦୟ ଆନ୍ଦୋଳନରେ ସେ ସାମାଜିକ ଓ ଅର୍ଥନୈତିକ ବିକାଶ ଚାହୁଁଥିଲେ। ଏହା ବ୍ୟତୀତ ଗାନ୍ଧୀବିଦ୍ୟା ସମାଜ, ତରୁଣ ଶାନ୍ତିସେନା, ଶାନ୍ତିସେନା ବିଦ୍ୟାଳୟ ମାନ ଗଠନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଉ ରାଧିକାରୀ ନେହରୁ ହେଲେ ସତ, କିନ୍ତୁ ଜୟପ୍ରକାଶ ନାରାୟଣ ଗାନ୍ଧିଜୀଙ୍କ ସାମାଜିକ ଓ ନୈତିକ ଉତ୍ତରାଧିକାରୀ ଅଟନ୍ତି। ମିନୁ ମାସାନୀଙ୍କ ଭାଷାରେ ଜୟପ୍ରକାଶ ହେଉଛନ୍ତି ଭାରତର ବିବେକ ରକ୍ଷକ।

୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ କଂଗ୍ରେସ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଦୁର୍ବଳ ହେଲା। ସେହି ସମୟର ଦୁର୍ନିତି, କ୍ଷମତା ରାଜନୀତି, ଅର୍ଥବଳ ଓ ନ୍ୟାୟିକ ହସ୍ତକ୍ଷେପ ଜୟପ୍ରକାଶଙ୍କୁ ଗଭୀର ଦୁଃଖ ଦେଇଥିଲା। ରାଜନୀତିର ଏ ଦୂରାବସ୍ଥା ଦେଖି ସେ କାନପୁର ଏବଂ ଗୁଜୁରାଟରେ ଛାତ୍ର ମାନଙ୍କର ନେତୃତ୍ୱ ନେଇଥିଲେ। ସତୁରି ବର୍ଷ ବୟସରେ ମଧ୍ୟ ସାମାଜିକ ବିପ୍ଳବର ନେତୃତ୍ୱ ନେବାକୁ ବିହାରର ଛାତ୍ରମାନେ ତାଙ୍କୁ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଆଗ୍ରହକୁ ଦେଖି ୧୯୭୪ ମସିହାରେ ପାଟନା ଠାରେ ଏକ ସର୍ବସାଧାରଣ ବୈଠକ ଡାକିଲେ। ଯାହାର ଆଭିମୁଖ୍ୟ ଥିଲା– ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ , ଆଦର୍ଶବାଦୀ ତଥା ନୈତିକ ଚେତନା ସହ ଜଡିତ ହେବା। କେବଳ ଏହି ଆଭିମୁଖ୍ୟକୁ ନେଇ ସେ ଗଠନ କଲେ ଛାତ୍ରଯୁବ ସଂଘର୍ଷ ବାହିନୀ। ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ ନକରିବା ପାଇଁ ୧୯୭୫ ମସିହା ଜୁନ ୨୨ ତାରିଖ ଆଭ୍ୟନ୍ତରୀଣ ଜାତୀୟ ଜରୋରୀ କାଳୀନ ପରିସ୍ଥିତି ଘୋଷଣା ହେଲା। ଏଥିପାଇଁ ଜୟପ୍ରକାଶ ନାରାୟଣ ବନ୍ଦୀ ବି ହେଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖଲାସ କରାଗଲା ସତ, ହେଲେ ଠିକ ତାର ଦୁଇବର୍ଷ ଭିତରେ ବିରୋଧୀ ଦଳ ଗୁଡିକୁ ଏକଜୁଟ କରି ଏକ ନୂତନ ଦଳ ଗଠନ କଲେ। ଯାହାର ନାମ ହେଉଛି – ଜନତା ପାର୍ଟି। ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ଏହା ଥିଲା ତାଙ୍କର ଶେଷ ଚେଷ୍ଟା। ଏହି ମହାନ ବିବେକୀ ପୁରୁଷ ଶେଷରେ ୧୯୭୯ ମସିହା ଅକ୍ଟୋବର ୮ ତାରିଖରେ ଇହଧାମରୁ ସବୁଦିନ ପାଇଁ ଅସ୍ତମିତ ହୋଇଗଲେ। ବାସ୍ତବରେ ସେ ଥିଲେ ଗଣତନ୍ତ୍ରବାଦୀ ବ୍ୟକ୍ତି। ତାଙ୍କ ଗଣତାନ୍ତ୍ରିକ ଚେତନା ଅନ୍ୟ ମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା। ଗଣତନ୍ତ୍ରର ସଫଳତା ପାଇଁ କର୍ତ୍ତବ୍ୟ, ଦାୟୀତ୍ୱ, ମାନବିକ ସମାନତା ଉପରେ ବିଶ୍ୱାସ, ହିଂସାକୁ ଘୃଣା, ସହିଷ୍ଣୁତା, ସତ୍ୟ ପ୍ରତି ଆଗ୍ରହ ଏବଂ ସାହସ ଗୁଣ ଗୁଡିକ ସାଧାରଣ ମଣିଷର ଜୀବନକୁ ସରସ ସୁନ୍ଦର କରିବାରେ ସକ୍ଷମ ହେବ ବୋଲି ସେ ସର୍ବଦା ଦୃଢୋକ୍ତି ବାଢିଛନ୍ତି। ଭାରତୀୟ ଗଣତନ୍ତ୍ରର ରାଜ୍ୟ ଗୁଡିକରେ ପଞ୍ଚାୟତରାଜ ଓ ଗ୍ରାମସଭାର ଗୁରୁତ୍ୱ ଉପରେ ସେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ। ବାସ୍ତବରେ ସେ ଥିଲେ ଭାରତୀୟ ଜନମାନସର ବିବେକର ରକ୍ଷକ।

# ଅମର ସହିଦ୍ ବାଜିରାଉତ



**ପ୍ରେମାନନ୍ଦ ପାଣିଗ୍ରାହୀ**
**ଭୁଷଳ, ଭୁବନ, ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**
**ସର୍ବ କନିଷ୍ଠ**

ଯେଉଁ ମହାନ୍ ବୀର କିଶୋର ବୟସରେ ମାତୃଭୂମି ଭକ୍ତିର ଚରମ ନିଦର୍ଶନ ଦେଖାଇ ଭାରତର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଛନ୍ତି ସେ ହେଉଛନ୍ତି ଅମର ସହିଦ୍ ବାଜିରାଉତ । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ୧୯୨୬ ମସିହାରେ ତାଙ୍କର ଜନ୍ମ। ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ। ବାଜି ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା। ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବାକୁ ସର୍ବଦା ତତ୍ପର ଥିଲା । ପେଟକୁ ମୁଠାଏ ଦାନା ଓ ଦେହକୁ ଖଣ୍ଡିଏ କନା ପାଇଁ ସେ ପରିବାରର କୌଳିକ ବୃତ୍ତି ପରିବର୍ତ୍ତେ ବ୍ରାହ୍ମଣୀ ନଦୀରେ ନୌକା ବାହିବା ଓ ମାଛ ଧରିବା କାର୍ଯ୍ୟକୁ ଆଦରି ନେଇଥିଲେ । ସେତେବେଳେ ଢେଙ୍କାନାଳରେ ଗଡଜାତ ଶାସନ ବ୍ୟବସ୍ଥା ଥାଏ । ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ। ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅଖଣ୍ଡ, ନିର୍ମମ, ନିଷ୍ଠୁର, ଅତ୍ୟାଚାରୀ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ । ରାଜାଙ୍କ ଇଚ୍ଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ। ଗଡଜାତର ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ । ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ପ୍ରଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ । ଯେତେବେଳେ ପ୍ରଜାମାନେ ବିଦ୍ରୋହ କରିଥାନ୍ତି ସେତେବେଳେ ଏହି ବିଦ୍ରୋହକୁ ଇଂରେଜ ସରକାର ସହଯୋଗରେ ରାଜା ଭଣ୍ଡୁର କରିଦେଉଥାନ୍ତି । ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ । ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳ ଗଠନ କରାଗଲା । ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା। ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ । ସେତେବେଳେ ଢେଙ୍କାନାଳ ଗଡ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି ମହେଶ୍ୱର ସୁବାହୁ ସିଂହ । ତାଙ୍କ ନେତୃତ୍ୱରେ ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳ ବେଶ୍ କିଛି କାର୍ଯ୍ୟ କରୁଥିଲା । ଭୁବନ ସେତେବେଳେ ୭ହଜାର ଲୋକଙ୍କ ବସତିର ଏକ ବଡ ଗାଁ । ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ । ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ । ଭୁବନ ଅଞ୍ଚଳରେ ବୈଶୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି । ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ ଦିନ ସାରା ଝିପି ଝିପି ବର୍ଷା । ହାଇଦ୍ରାବାଦି ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ତୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ତୋଟାରେ ଡଙ୍ଗା ରଖି ସନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ । ୮ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ । ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା । କର୍ମୀମାନେ ଥାନା ଘେରାଉ କଲେ । ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ହୋ ହାଲା କଲେ । ଥାନା ଉପରକୁ ଟେକା ପଥର ଫିଙ୍ଗିଲେ । ସୃଷ୍ଟି ହେଲା ପୋଲିସ୍‌ର ନାରକୀୟ କାଣ୍ଡ । ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ। ଗୁରୁତର ଆହତ ହେଲେ ରଘୁ ନାୟକ। ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ। ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ। ସେମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ । ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆରପାରିକୁ ଯିବାକୁ ବସିଥିଲେ । ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି । ଜୀବନ ସେମାନଙ୍କର ବିପନ୍ନ । ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା । ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ । ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇଁ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ। ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ । ଫୌଜମାନେ ଘାଟରେ ପହଞ୍ଚି ନଦୀପାର କରିଦେବାପାଇଁ ସେମାନଙ୍କୁ ଚିତ୍କାର କରି କହିଲେ । ମାତ୍ର କର୍ମୀମାନଙ୍କ ଗ୍ରହଣରେ ଥିବା ୧୨ ବର୍ଷର ବାଳକ ବାଜିରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ "ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବି ନାହିଁ" ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ। ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ । ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ । ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ଚାଳନା କଲେ । ଏଥିରେ ଟିକି ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଳିକ, ଫଗୁ, ଲକ୍ଷ୍ମଣ ମଳିକ ପ୍ରମୁଖ ଚାରି ଜଣ ମୃତ୍ୟୁବରଣ କଲେ । ଧର୍ମପଦ ଓ ଅଭିମନ୍ୟୁଙ୍କ ପରି ବାଜିରାଉତ କିଶୋର ବୟସରେ ଦେଶ ପାଇଁ ପ୍ରାଣ ବଳି ଦେଇ ଯୁଗ ଯୁଗକୁ ଅମର ହୋଇ ରହିଛନ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୧ ଅକ୍ଟୋବର, ୨୦୨୬ ରବିବାର





# କାର୍ଯ୍ୟକ୍ରମ ସରିଲା ଗ୍ରାଉଣ୍ଡରେ ପଡ଼ିରହିଛି ଆବର୍ଜନା



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

'ସେବା ଜ୍ୟୋତି ଯାତ୍ରା' ଓ 'ସଂକଳ୍ପ ସଭା' ସହିତ ସମାପ୍ତ ହୋଇଛି ବଡ଼ କାର୍ଯ୍ୟକ୍ରମ। ହେଲେ କାର୍ଯ୍ୟକ୍ରମ ଶେଷ ପରେ ଉମରକୋଟ DNK ପରେଡ ଗ୍ରାଉଣ୍ଡର ସ୍ଥିତି ଏବେ ଚିନ୍ତାଜନକ। ସଭା ସରିଲା, ପଡ଼ିରହିଛି ଆବର୍ଜନା । ୧୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ପରେ ଗ୍ରାଉଣ୍ଡ ସାରା ପ୍ଲାଷ୍ଟିକ୍, ଖାଦ୍ୟ ପ୍ୟାକେଟ୍ ଓ ବର୍ଜ୍ୟବସ୍ତୁ ପଡ଼ିରହିଛି। ଗ୍ରାଉଣ୍ଡରେ ପଡ଼ିଥିବା ପ୍ଲାଷ୍ଟିକ୍ ଓ ଅଳିଆ । ବିଶାଳ ସମାବେଶ ପରେ ପଡ଼ିଆରେ ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ଲେଟ୍ ଓ ବିଭିନ୍ନ ଅଳିଆ ଆବର୍ଜନା ଜମା ହୋଇ ରହିଛି। କାଦୁଅ ଓ ନଷ୍ଟ ହୋଇଥିବା ଖାଦ୍ୟ। ପଡ଼ିଆରେ ପଚିରହିଥିବା ଖାଦ୍ୟ ସାମଗ୍ରୀରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରାତଃ ଭ୍ରମଣକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାଉଣ୍ଡର ସାଧାରଣ ସ୍ଥିତି। ସ୍ୱଚ୍ଛତା ଓ ସେବାର ସଂକଳ୍ପ ନିଆଯାଇଥିବା ସଭାସ୍ଥଳରେ ଏଭଳି ଅସ୍ୱଚ୍ଛ ପରିବେଶକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନ ଓ ଆୟୋଜକ କମିଟି ତୁରନ୍ତ ଏହି ପଡ଼ିଆକୁ ସଫା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସର୍ଭେ ସମୟରେ ଭୋଟର ତାଲିକା ସମ୍ପର୍କିତ ତଥ୍ୟର ସଠିକତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ଆଗାମୀ ୨୦୨୭ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରସଂସ୍ଥା ମାନଙ୍କର ନିର୍ବାଚନ ପାଇଁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘରକୁ ଘର ସର୍ଭେ ସୁଚାରୁ ଓ ସଫଳ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ବୈଠକ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ତଥା ଇଆରଓ ବିନୟ କୁମାର ଭୋଇ, ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାର ଯୋଗଦେଇଥିଲେ। ବୈଠକରେ ଏହି ସର୍ଭେର ଉଦ୍ଦେଶ୍ୟ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନିର୍ଦ୍ଧାରିତ ଫର୍ମର ସଠିକ୍ ବ୍ୟବହାର, ତଥ୍ୟର ସଠିକତା ଏବଂ ରେକର୍ଡ ସଂରକ୍ଷଣ ସମ୍ପର୍କରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୁଦାମ ଚରଣ ସାମଲ ବିସ୍ତୃତ ଆଲୋଚନା କରିଥିଲେ । ସର୍ଭେ ସମୟରେ ଭୋଟର ତାଲିକା ସମ୍ପର୍କିତ ତଥ୍ୟର ସଠିକତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ କର୍ମଚାରୀ ଓ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବେ। ବୈଠକରେ ସର୍ଭେ କାର୍ଯ୍ୟକୁ ସମୟବଦ୍ଧ, ନିର୍ଭୁଲ ଓ ସୁସଂଗଠିତ ଭାବେ ସମ୍ପାଦନ କରିବା ସହିତ ଜନସାଧାରଣଙ୍କ ସହଯୋଗ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ସର୍ଭେ କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସମନ୍ୱୟରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ କାର୍ଯ୍ୟ ୨୬ ଅକ୍ଟୋବରରୁ ୭ ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବ।

# ପୌର ଏବଂ ପଞ୍ଚାୟତ ପାଇଁ ଘରକୁ ଘର ହେବ ସର୍ଭେ

**ବାଲେଶ୍ୱର, ନ୍ୟୁଜ୍**

୨୦୨୭ରେ ହେବାକୁଥିବା ପୌର ଏବଂ ପଞ୍ଚାୟତିରାଜ ନିର୍ବାଚନ ପାଇଁ ଏକ ସ୍ୱଚ୍ଛ, ଅଦ୍ୟତନ ଏବଂ ନାଗରିକ କେନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ବୁଲି ସର୍ବେକ୍ଷଣ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶୁଭ୍ର ସିରିୟଲ ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାଳଗିରି ବିକ୍ରମ କିଶୋର ପରିଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଇରା ନାରାୟଣ ସାହୁ, ଡେପୁଟି ଜିଲ୍ଲାପାଳ ଡ. ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ଓ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ଅକ୍ଟୋବର ୧୬ ପର୍ଯ୍ୟନ୍ତ ଚାଲିବ ଏବଂ ଅକ୍ଟୋବର ୨୪ ରୁ ନଭେମ୍ବର ୦୭ ପର୍ଯ୍ୟନ୍ତ ବିଏଲ୍‌ଓ ମାନେ ଘରକୁ ଘର ବୁଲି ଭୋଟର ତାଲିକା ପ୍ରସ୍ତୁତ କରିବେ ଓ ଆଗାମୀ ୨୦୨୭ ପୌର ଏବଂ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ତାଲିକା ପ୍ରସ୍ତୁତ ହେବ ଓ ଏକ ସ୍ୱଚ୍ଛ ନିର୍ବାଚନ କରିବା ଉଦ୍ଦେଶ୍ୟରେ ଏହି ଭୋଟର ତାଲିକା ପ୍ରସ୍ତୁତ ହେବ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା ପରିଚାଳନା କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶୁଭ୍ର ସିରିୟଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ମଶାନ ଜମି ଜବରଦଖଲ ଅଭିଯୋଗକୁ ନେଇ ତେଜିଛି ଅସନ୍ତୋଷ:ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସହରବାସୀ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**





ଶ୍ମଶାନ ଜମି ଜବରଦଖଲ ଅଭିଯୋଗକୁ ନେଇ ରାୟଗଡ଼ା ସହରରେ ତେଜିଛି ଅସନ୍ତୋଷ। ସହରର ୩ ନମ୍ବର ୱାର୍ଡ ଅନ୍ତର୍ଗତ ବ୍ରାହ୍ମଣ ସାହି ନିକଟ ଝଞ୍ଜାବତୀ ନଦୀ କୂଳରେ ଥିବା ଶତାବ୍ଦୀ ପୁରୁଣା ହିନ୍ଦୁ ଶ୍ମଶାନ ଘାଟ ଏବେ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଶ୍ମଶାନ ଜମି ଜବରଦଖଲ କରାଯିବା ସହ ଏହାକୁ ସମତୁଲ କରି ବିକ୍ରି କରିବା ପାଇଁ ମସୁଧା ଚାଲିଥିବା ନେଇ ଅଭିଯୋଗ ଉଠିଛି। ଶ୍ମଶାନ ଜମି କିଭଳି ବ୍ୟକ୍ତିବିଶେଷଙ୍କ ନାମରେ ନାମିତ ହେଲା, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ସହରବାସୀ। ଘଟଣାର ତୁରନ୍ତ ତଦନ୍ତ କରି ଶ୍ମଶାନ ଜମିକୁ ଜବରଦଖଲମୁକ୍ତ କରିବା ସହ ଏହାର ସୁରକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏନେଇ କିଛି ସ୍ୱେଚ୍ଛାସେବୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିକଟରେ ପୌରପରିଷଦର କାଉନସିଲରମାନେ ଶ୍ମଶାନର ପୁନରୁଦ୍ଧାର ପାଇଁ ଦେଇଥିବା ଲିଖିତ ଚିଠିର ନକଲ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ଏହି ପ୍ରାଚୀନ ଶ୍ମଶାନ ଘାଟ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ପାନୀୟ ଜଳ, ଗାଧୋଇବା, ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ରହିଛି। ବିଶେଷକରି ମହିଳାଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବାରୁ ଶୁଦ୍ଧିକ୍ରିୟା ସମୟରେ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ଝଞ୍ଜାବତୀ ନଦୀର ଜଳସ୍ତର ବଢ଼ିବା ପରେ ଶ୍ମଶାନ ପରିସରରେ ପାଣି ଓ କାଦୁଅ ଜମିଯାଉଛି। ଫଳରେ ମୃତକଙ୍କ ଶେଷକୃତ୍ୟ ଓ ପରବର୍ତ୍ତୀ ଶୁଦ୍ଧିକ୍ରିୟା ପାଇଁ ଆସୁଥିବା ପରିବାରବର୍ଗ ଅସୁବିଧାରେ ପଡୁଛନ୍ତି। ଏହାସହ ଶ୍ମଶାନ ପରିସରରେ ଥିବା ପୁରୁଣା କୋଠା ମଧ୍ୟ ଦୟନୀୟ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସମସ୍ୟାର ସମାଧାନ ପାଇଁ ଦାବିପତ୍ରରେ ୯ ଦଫା ଦାବି ରଖାଯାଇଛି। ଏଥିରେ ନୂତନ ଗୃହ ନିର୍ମାଣ, ସ୍ଥାୟୀ ପାନୀୟ ଜଳ ଓ ଗାଧୋଇବା ସୁବିଧା, ବିପଦସଙ୍କୁଳ ପୁରୁଣା କୋଠାକୁ ଭାଙ୍ଗି ନୂତନ ବହୁମୁଖୀ କୋଠରୀ ନିର୍ମାଣ, ଶୋକାକୁଳ ପରିବାର ପାଇଁ ଆବଦ୍ଧ ଶେଡ୍ ଏବଂ ଅସ୍ଥି ସଂରକ୍ଷଣ ପାଇଁ ଲକର ବ୍ୟବସ୍ଥା କରିବା ଭଳି ଦାବି ରହିଛି। ସେହିପରି ଶ୍ମଶାନ ଘାଟର ଆଲୋକୀକରଣ, ପାଚେରୀ ନିର୍ମାଣ, ଶୌଚାଳୟ ଓ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବା ସହ ଶ୍ମଶାନର ସର୍ବାଙ୍ଗୀନ ବିକାଶ ପାଇଁ ଦାବି କରାଯାଇଛି। ଭବିଷ୍ୟତରେ ଯେପରି ଶ୍ମଶାନ ଜମି ପୁଣି ଜବରଦଖଲ ନହୁଏ, ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ମଧ୍ୟ ଦାବି ରହିଛି। ମୃତ୍ୟୁ ପରେ ସମ୍ମାନଜନକ ଭାବେ ଶେଷକୃତ୍ୟ ସମ୍ପନ୍ନ କରିବାର ଅଧିକାରକୁ ଦାବିପତ୍ରରେ ସମ୍ବିଧାନର ଧାରା ୨୧ ସହ ଯୋଡ଼ି ଦର୍ଶାଯାଇଛି। ଏହି ଦାବିପତ୍ରରେ ସମସ୍ତ ୱାର୍ଡର କାଉନସିଲରଙ୍କ ସମେତ ରାୟଗଡ଼ା ସହରବାସୀ ସ୍ୱାକ୍ଷର କରି ସମର୍ଥନ ଜଣାଇଛନ୍ତି। ସ୍ୱେଚ୍ଛାସେବୀ କମଳାକାନ୍ତ ମହାପାତ୍ର ଓ ପ୍ରଶାନ୍ତ ତ୍ରିପାଠୀ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏବେ ଶ୍ମଶାନ ଜମି ଜବରଦଖଲ ଅଭିଯୋଗ ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି ଏବଂ ପ୍ରାଚୀନ ଶ୍ମଶାନର ପୁନରୁଦ୍ଧାର କେବେ ହେଉଛି, ତାହାକୁ ନେଇ ସହରବାସୀଙ୍କ ନଜର ରହିଛି।

# ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ନେଇ ପଦଯାତ୍ରା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ମାଟିମନସ୍କ ଐତିହ୍ୟାନୁରାଗୀ ବନ୍ଧୁମାନଙ୍କୁ ନେଇ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବିଂଶତମ ଅଧ୍ୟାୟ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦଯାତ୍ରୀ ମାନେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗଡ଼ମା ବଜାର ନିକଟ ସରପୁର ଗ୍ରାମରେ ଥିବା ବହୁ ପ୍ରାଚୀନ ଜୈନ କୀର୍ତ୍ତିରାଜିକୁ ପରିଦର୍ଶନ କରିଥିଲେ। ସେହିପରି ନିକଟସ୍ଥ ଈଶାଣୀ ବ୍ରହ୍ମପୁର ଗ୍ରାମରେ ଥିବା ଈଶାଣେଶ୍ୱର ମହାଦେବ ମନ୍ଦିରକୁ ପଦଯାତ୍ରୀମାନେ ପରିଦର୍ଶନରେ ଯାଇଥିଲେ। ଏହି ମନ୍ଦିର ପରିସରରେ ଉଭୟ ଭୌମକର ଓ ସୋମବଂଶୀ ଶାସନ କାଳର ଅନେକ ପ୍ରାଚୀନ କୀର୍ତ୍ତିରାଜି ଦେଖିବାକୁ ମିଳିଥିଲା। ଏହିସବୁ ଐତିହାସିକ କୀର୍ତ୍ତିରାଜି ବୁଲି ଦେଖିବା ସହିତ ସେ ସମସ୍ତର ସୁରକ୍ଷା ଓ ସଂରକ୍ଷଣ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ଥାନୀୟ ପ୍ରହାରାଜପୁର ଅଞ୍ଚଳ ନିବାସୀ ଅବଦୁଲ ଶମଦ ନିଜାମୀ ବା ଶାମ୍ ଚାଚାଙ୍କ ଭକ୍ତି ରସାତ୍ମକ ସଙ୍ଗୀତ ପରିବେଷଣ ଏହି ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଜଣେ ଦୃଷ୍ଟି ବାଧିତ ହୋଇ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଜଣାଣ ଖୁବ୍ ସୁଲଳିତ କଣ୍ଠରେ, ଉଚ୍ଚାଙ୍ଗ ଭାବରେ ଗାଇଥିଲେ ଶାମ୍ ଚାଚା। ସୌଭାଗ୍ୟର କଥା, 'ଜଗତସିଂହପୁର ହେରିଟେଜ ୱାକ୍' ଅନୁଷ୍ଠାନ ଇତି ମଧ୍ୟରେ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ପଞ୍ଜିକୃତ ହୋଇସାରିଛି। ସାଙ୍ଗଠନିକ ରୂପରେଖ ସ୍ୱରୂପ, ଅନୁଷ୍ଠାନର ସଭାପତି ରୂପେ ବସନ୍ତ ମଞ୍ଜରୀ ଦାସ, ଉପସଭାପତି ରୂପେ ଦେବାଶିଷ ପାତ୍ର, ସମ୍ପାଦକ ରୂପେ ତ୍ରିଲୋଚନ ସ୍ୱାଇଁ, ସଂଗଠନ ସମ୍ପାଦକ ରୂପେ ସମ୍ବିତ ପାତ୍ର ଏବଂ କୋଷାଧ୍ୟକ୍ଷ ରୂପେ କୁମାର ଶୁଭମଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହା ବ୍ୟତୀତ ଅନୁଷ୍ଠାନର ନ୍ୟାୟିକ ପରାମର୍ଶଦାତା ରୂପେ ମଞ୍ଜୁଲତା ରାଉତ ଏବଂ ଉପଦେଷ୍ଟା ରୂପେ ଶିକ୍ଷାବିତ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ଅଧ୍ୟାପକ ବିଶ୍ୱ ରଞ୍ଜନ ଦେହୁରୀଙ୍କୁ ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିଲା। ଉକ୍ତ ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମ, ଅନୁଷ୍ଠାନର ଆବାହକ ଶ୍ରୀକାନ୍ତ ସିଂହଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ, ବିକାଶ ସ୍ୱାଇଁ, ପ୍ରଦୀପ୍ତ ସୁନ୍ଦର, ହୃଦାନନ୍ଦ ବେହେରା ସମେତ ଯୁବ କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ, ରୁଦ୍ରମାଧବ, କୁନ୍ଦନ, ସ୍ୱାଧୀନ, ସୌରଭ ଏବଂ ମାଧବାନନ୍ଦ ଭୋଇ ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ଜଗତସିଂହପୁର, କଟକ, ଭୁବନେଶ୍ୱର, ପୁରୀ ଆଦି ଅଞ୍ଚଳରୁ ପ୍ରାୟ ତିରିଶ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଭଞ୍ଜପୁର ଦୁର୍ଗା ମଣ୍ଡପରେ ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ପୂର୍ବତନ କାଉନସିଲର ଦର୍ପ ନାରାୟଣ ପାଲ, ବରିଷ୍ଠ ସଦସ୍ୟ ହର୍ଷବର୍ଦ୍ଧନ ଯାଦବଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ଓ ଦର୍ପ ନାରାୟଣ ପାଲ ଗତବର୍ଷର ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ ଯାହାକି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ଓ ମା'ଙ୍କ ୭୪ତମ ପୂଜା ଅବସରରେ ଆୟୋଜିତ ହେବାକୁଥିବା ୩୨ତମ ମେଳାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ ଓ ପୂଜା କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ବିଶ୍ୱଜିତ ନାୟକ, ମେଳା କମିଟି ଅଧ୍ୟକ୍ଷ ଭାବେ ସାନନ୍ଦ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ କଳିଙ୍ଗ କେଶରୀ ଜେନା, କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଭାବେ କୃଷ୍ଣଓନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଭାବେ ଦର୍ପ ନାରାୟଣ ପାଲ, ସାଧାରଣ ସମ୍ପାଦକ (ପୂଜା) ରସିକାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ (ମେଳା) ପ୍ରସନ୍ନଜିତ ମହାନ୍ତି, ସମ୍ପାଦକ (ପୂଜା) ସାମନ୍ତ ଶେଖର ପାଲ, ସମ୍ପାଦକ (ମେଳା) ଆଭାସ ଦେ, ସମ୍ପାଦକ (ଷ୍ଟଲ୍) ଅମୁଲ୍ୟ ଦାସ ଓ ସତ୍ୟବ୍ରତ ଧଳ, ସାଂସ୍କୃତିକ ସମ୍ପାଦକ ଭାବେ କିଶୋର ପଲେଇ, ସଭ୍ୟ ଦେୟ ଆଦାୟ ସମ୍ପାଦକ ଭାବେ ମନୋଜ ମହାନ୍ତି, କୋଷାଧ୍ୟକ୍ଷ ଭାବେ ସୁବ୍ରତ ଦାସ, ଗଣମାଧ୍ୟମ ସଂଯୋଜକ ଭାବେ ସୋମନାଥ ସିଂହ ଏବଂ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଭାବେ ଡା. ଦେବାଶିଷ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ନନ୍ଦିକେଶ ଶେଜପଡା ପ୍ରମୁଖ ମନୋନୀତ ହୋଇଛନ୍ତି ଓ ନଭେମ୍ବର ୧୮ ତାରିଖରେ ମା'ଙ୍କ ପୂଜାବିଧି ଆରମ୍ଭ ହେବ ଓ ଏହି ଅବସରରେ ନଭେମ୍ବର ୨୨ ତାରିଖରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ଶ୍ରୀ ସିଂହଙ୍କ ସୂତ୍ରରୁ ପ୍ରକାଶ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପୂଜା ଓ ମେଳାକୁ ଶାନ୍ତିଶୃଙ୍ଖଳା ସହ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।



# ଗୋପବନ୍ଧୁ ଜୟନ୍ତୀରେ ୫୫ ୟୁନିଟ ରକ୍ତ ସଂଗୃହୀତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କଦଳୀ ପାଲି ଗୋପବନ୍ଧୁ କ୍ଲବ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କଦଳୀ ପାଲି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବରେଣ୍ୟ ଅତିଥି ଭାବରେ ବାଗବାଡି ଜୋନ ଜିଲ୍ଲା ପରିଷଦ ଗୋବିନ୍ଦ ସାହୁ ମହୁଲ ପାଲି ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ, ବିଶିଷ୍ଟ ସମାଜସେବୀ ବୁଧରାଜ ବାଗ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିଥିଲେ। ସମାଜସେବାର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଅନୁସରଣ କରି ଅତ୍ୟନ୍ତ ଉତ୍ସାହର ସହିତ ଆଠ ଯୋଡ଼ା ଦମ୍ପତିଙ୍କ ସମେତ ସର୍ବମୋଟ୍ ୫୫ ୟୁନିଟ୍ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଏହି ଶିବିରକୁ ଗୋପବନ୍ଧୁ କ୍ଲବର ସଭାପତି କ୍ଷିତିପତି ପଧାନ, ଗଙ୍ଗାଧର ପ୍ରଧାନ, ଆଶିଷ ଭୋଇ, ନରେଶ ପ୍ରଧାନ, ସିଲୁ ଭୋଇ, ବିବେକାନନ୍ଦ ଭୋଇ, ଉମେଶ ପ୍ରଧାନ, ପପ୍ପୁ ଭୋଇ ରାହୁଲ ଭୋଇ, ବିକେଶ ପ୍ରଧାନ, ପ୍ରଦୀପ ପ୍ରଧାନ, ରିଙ୍କୁ ବେହେରା, ବୈକୁଣ୍ଠ ପ୍ରଧାନ, ପୀତବାସ ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ତଥା କଦଳିପାଲି ଗ୍ରାମବାସୀମାନେ ସୁପରିଚାଳନା କରିଥିଲେ। ଏହି ଅବସରରେ ମାନସିକ ଅନଗ୍ରସର ରୋଗୀଙ୍କ ସେବା କରାଯାଇଥିଲା। ଶିବିର ଆୟୋଜନ ପାଇଁ ଗୋପବନ୍ଧୁ କ୍ଲବର ସଦସ୍ୟମାନଙ୍କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ଧନ୍ୟବାଦ ଓ କୃତଜ୍ଞତା।

# କଟକ ନାଟ୍ୟୋତ୍ସବର ସେମିଫାଇନାଲ୍ ଶେଷ:ଚୂଡ଼ାନ୍ତ ପର୍ଯ୍ୟାୟକୁ ୧୦ ଦଳ ମନୋନୀତ

**କଟକ, ନ୍ୟୁଜ୍ ବ୍ୟୁରୋ**

ମଞ୍ଚ ଉପରେ ଯୁବ ପ୍ରତିଭାଙ୍କ ଅଭିନୟ, ସୃଜନଶୀଳତା ଓ ନାଟ୍ୟକଳାର ନିଆରା ପ୍ରଦର୍ଶନରେ ଚାରିଦିନ ଧରି ଚଳଚଞ୍ଚଳ ଥିବା କଟକ ନାଟ୍ୟୋତ୍ସବର ସେମିଫାଇନାଲ୍ ପର୍ଯ୍ୟାୟ ଶେଷ ହୋଇଛି। ନେତାଜୀ ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ନାଟ୍ୟଦଳ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ମଞ୍ଚରେ ଭିନ୍ନ ଭିନ୍ନ ସାମାଜିକ ଓ ସମସାମୟିକ ବିଷୟକୁ ନାଟକ ମାଧ୍ୟମରେ ଜୀବନ୍ତ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ୧୦ଟି ଦଳ ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ସ୍ଥାନ ପାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବ ନାଟ୍ୟ ପ୍ରତିଭାଙ୍କୁ ଏକ ବଡ଼ ମଞ୍ଚ ଦେବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଇଥିଲା। ଉତ୍ସବର ଶେଷ ଦିନରେ ମଧ୍ୟ ମଞ୍ଚରେ ଭିନ୍ନ ସ୍ୱାଦର ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଆଣ୍ଡ ଟେକ୍ନୋଲୋଜି, ସାଲେପୁରର 'ଶକ୍ତି ସ୍ୱରୂପିଣୀ'ରେ ନାରୀର ସଂଘର୍ଷ ଓ ସାମର୍ଥ୍ୟର କଥା ଉଠିଥିବାବେଳେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର 'ଫେରିଆ ବୋଇତ ସପନ ନେଇ' କଟକର ବାଲିଯାତ୍ରାର ଐତିହ୍ୟ, ଭାଇଚାରା ଓ ସଂସ୍କୃତିର ଚିତ୍ର ଆଙ୍କିଥିଲା। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର 'ବୋଉ' ନାଟକ ମା'ର ତ୍ୟାଗ ଓ ମମତାର ଭାବନାକୁ ଦର୍ଶକଙ୍କ ନିକଟରେ ରଖିଥିଲା। ଶେଷ ପ୍ରଦର୍ଶନରେ ଜେ.କେ.ବି.କେ. ମହାବିଦ୍ୟାଳୟର 'ଛବିଟା ସତ ନଥିଲା' ମଣିଷର ସମ୍ପର୍କ, ପରିବାର ଓ ସାମାଜିକ ଜୀବନର ଭାବପ୍ରବଣ ଦିଗକୁ ନେଇ ମଞ୍ଚସ୍ଥ ହୋଇଥିଲା। ଚାରିଦିନରେ ମୋଟ୍ ୧୩ଟି ଦଳ ଅଭିନୟ, ନିର୍ଦ୍ଦେଶନା, ସଂଳାପ, ସଙ୍ଗୀତ ଓ ମଞ୍ଚ ସଜ୍ଜାରେ ନିଜର କଳାନୈପୁଣ୍ୟ ଦେଖାଇଥିଲେ। ନାଟ୍ୟ ବିଶେଷଜ୍ଞ ଓ ବିଚାରକ ମଣ୍ଡଳୀଙ୍କ ମୂଲ୍ୟାୟନ ଆଧାରରେ ୧୦ଟି ଦଳକୁ ପରବର୍ତ୍ତୀ ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ କରାଯାଇଛି। ଚୟନ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କଲେକ୍ଟର ସତରୂପା ଶତପଥି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଉପଖଣ୍ଡ ସୂଚନା ଅଧିକାରୀ ସୋନାଲୀ କୁଣ୍ଡ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ନାଟ୍ୟୋତ୍ସବ କମିଟି ଉପଦେଷ୍ଟା ତଥା ଅଭିନେତା ଶ୍ରୀତମ ଦାସ ଉପସ୍ଥିତ ଥିଲେ। ବିଚାରକ ମଣ୍ଡଳୀରେ ଅନନ୍ତ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ମହାନ୍ତି, ଉମେଶ ଦାଶ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ସନ୍ଦୀପ ପାଣି, ବେବି ପ୍ରଧାନ ଓ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ରହିଥିଲେ। ଯୁବ ନାଟ୍ୟ ପ୍ରତିଭାଙ୍କୁ ନିଜ ସୃଜନଶୀଳତା ଦେଖାଇବାର ସୁଯୋଗ ଦେବା ସହ କଟକର ନାଟ୍ୟ ପରମ୍ପରାକୁ ଆହୁରି ସମୃଦ୍ଧ କରିବା ଦିଗରେ ଏହି ନାଟ୍ୟୋତ୍ସବ ଏକ ଉଲ୍ଲେଖନୀୟ ମଞ୍ଚ ପାଲଟିଛି।

# ଘରୋଇ ବସ୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ନାନ୍ଦୋଳଗଡ଼ା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏକ ଘରୋଇ ଯାତ୍ରୀବାହୀ ବସ୍ ଧକ୍କାରେ ଦୁଇ ଯୁବକଙ୍କ ଜୀବନ ଚାଲିଯାଇଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା 'ଶ୍ରୀ ସାଇ' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ନାନ୍ଦୋଳଗଡ଼ା ଛକ ନିକଟରେ ଏକ ପଲ୍‌ସର୍ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଧକ୍କା ଯୋଗୁ ବାଇକ୍‌ରେ ଥିବା ଦୁଇ ଜଣ ଯୁବକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ବସ୍‌ଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା ଫଳରେ ଦୁଇ ଯୁବକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ଦୁର୍ଘଟଣା ଘଟାଇବା ଥିବା ବସ୍ ଚାଳକ ବସ୍‌ଟିକୁ କିଛି ଦୂରରେ ରାସ୍ତାକଡ଼ରେ ରଖି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଜବତ ବସ୍‌ଟିକୁ ଥାନାକୁ ନିଆଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଏବଂ ବସ୍ ଚାଳକଙ୍କ ଭୂମିକା ସମ୍ପର୍କରେ ପୋଲିସ ତଦନ୍ତ ପରେ ଅଧିକ ତଥ୍ୟ ସ୍ପଷ୍ଟ ହେବ। ମୃତ ଦୁଇ ଯୁବକଙ୍କ ପରିଚୟ ସ୍ପଷ୍ଟ ତେବେ ସେମାନେ ଭୁବନେଶ୍ୱର ଅଞ୍ଚଳର ବାସିନ୍ଦା ହୋଇଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ଭାବେ ଅନୁମାନ କରୁଥିବା ଜଣାପଡ଼ିଛି। ମୃତକଙ୍କ ପରିଚୟ ନିଶ୍ଚିତ କରିବା ସହ ଦୁର୍ଘଟଣାର ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ଜ୍ଞାନକୁ ବୈଜ୍ଞାନିକ ଅନୁସନ୍ଧାନ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

**ବାଲେଶ୍ୱର, ନ୍ୟୁଜ୍**




ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଆୟୋଜନରେ 'ଭାରତୀୟ ଜ୍ଞାନ ପ୍ରଣାଳୀରେ ଧାତୁବିଜ୍ଞାନ' ଶୀର୍ଷକ ପାଞ୍ଚଦିନିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଛି। ଉଦ୍ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଗବେଷଣା ଓ ଶିକ୍ଷାକୁ ଅଧିକ ସମୃଦ୍ଧ କରିବା ସହ ପାରମ୍ପରିକ ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ଅନୁସନ୍ଧାନ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀ, ସ୍ୱାଗତ ଭାଷଣ ଦେବା ସହ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରକୋଷ୍ଠର ନୋଡାଲ୍ ଅଧିକାରୀ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ମଧ୍ୟ ଉଦ୍ଘାଟନୀ ଅଧିବେଶନରେ ନିଜର ଅଭିମତ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଭାରତର ପାରମ୍ପରିକ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନର ଅଧ୍ୟୟନର ଶିକ୍ଷାଗତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣରେ ୩୪ ଜଣ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରୁଛନ୍ତି। ପ୍ରାଚୀନ ଭାରତୀୟ ଧାତୁବିଜ୍ଞାନ, ପାରମ୍ପରିକ ଓ ଆଧୁନିକ ଧାତୁବିଜ୍ଞାନ, ଅଗ୍ନିଜାତ ଧାତୁ ପ୍ରକ୍ରିୟା, ପାରମ୍ପରିକ ଭାଟି ପ୍ରଯୁକ୍ତି, ଭୂତାତ୍ତ୍ୱିକ ମାନଚିତ୍ରଣ, ପାରମ୍ପରିକ ଖଣି ଖନନ, ଧାତୁ ଖଣିଜ ଉତ୍ତୋଳନ, ପଞ୍ଚଧାତୁ ମିଶ୍ରଧାତୁ, ଇସ୍ପାତ ପ୍ରଯୁକ୍ତି, ଧାତୁ ବିଶୋଧନ, ଜଳୀୟ ଧାତୁ ପ୍ରକ୍ରିୟାକରଣ ଓ ଧାତୁର ସ୍ଥାୟୀ ପୁନଃଚକ୍ରଣ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଉଛି। ପ୍ରଶିକ୍ଷଣର ଅଂଶ ଭାବେ ବ୍ୟବହାରିକ ଅଧିବେଶନ, ପରୀକ୍ଷାଗାର ପରୀକ୍ଷଣ, କ୍ଷେତ୍ର ପରିଦର୍ଶନ ଓ ଅଂଶଗ୍ରହଣକାରୀଙ୍କ ପ୍ରକଳ୍ପ ଉପସ୍ଥାପନା ଆୟୋଜିତ ହେବ। ଆଇଆଇଟି ଭୁବନେଶ୍ୱର, ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର, ଆଇଆଇଟି (ଆଇଏସ୍‌ଏମ୍) ଧାନବାଦ, ଆଇଆଇଟି ଖଡ଼ଗପୁର ଏବଂ ସିଏସ୍‌ଆଇଆର-ସିଇସିଆର୍‌ଆଇ, ତାମିଲନାଡୁ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଧାତୁବିଜ୍ଞାନର ବିଭିନ୍ନ ଦିଗ ଉପରେ ଜ୍ଞାନ ଓ ଅଭିଜ୍ଞତା ବାଣ୍ଟିବେ। ଅଧ୍ୟାପକମାନଙ୍କ ଦକ୍ଷତା ବିକାଶ, ଆନ୍ତଃବିଷୟକ ଗବେଷଣା ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ଆଧୁନିକ ଉଚ୍ଚ ଶିକ୍ଷା ଓ ବୈଜ୍ଞାନିକ ଅଗ୍ରଗତି ସହ ସମନ୍ୱିତ କରିବା ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶେଷ ସହାୟକ ହୋଇପାରିବା ନେଇ ଆଶାପୋଷଣ କରାଯାଇଛି।



# ବହୁ ଚର୍ଚ୍ଚିତ ନୂତନ ମାଛ ବଜାର ପାଇଁ ପ୍ରଶାସନ ଓ ବ୍ୟବସାୟୀଙ୍କ ଆପୋଷ ବୁଝାମଣା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବହୁଦିନ ଧରି ଚାଲିଥିବା ପାରମ୍ପରିକ ମାଛ ବିକ୍ରେତା ଓ ପ୍ରଶାସନ ଭିତରେ ନୂତନ ଘର ପାଇଁ ବିବାଦ ଏବେ ନୂତନ ମୋଡକୁ ଆସିଛି। ମାଛ ବଜାର ପାଇଁ ଯେଉଁଠି ମାଛ ବିକ୍ରି ହେଉଛି ସେହି ସ୍ଥାନ ଠାରୁ ବିସ୍ତାର ହୋଇ ସମସ୍ତ ମାଛ ବ୍ୟବସାୟୀଙ୍କୁ ନୂତନ ମାଛ ପିଣ୍ଡି ସାଙ୍ଗକୁ ବଜାର ଗୃହ ଦେବା ପାଇଁ ସମାଧାନର ରାସ୍ତା ଖୋଲିଛି । ଏକ ବୈଠକ ଜରିଆରେ ଆଶୁ ସମାଧାନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଆଶାଲତା ରଚମାଳା, ମତ୍ସ୍ୟଜୀବୀ ନେତା ତଥା ସମାଜସେବୀ ଭୀମସେନ ବେହେରା ମାଛ ବେପାରୀ ଦୁଲଣା ବେହେରା, ଶଙ୍କର ବେହେରା, ରଘୁନାଥ ବେହେରା, କୁମାରୀ ବେହେରା, ଶିବ ବେହେରା ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ତାହା ଏକ ନୂତନ ଆଶା ସଂଚାର ମୋଡକୁ ଗତି କରୁଛି ବୋଲି ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର କୁମାରଙ୍କ ପ୍ରତ୍ୟାବର୍ତ୍ତନ ଉପରେ ମହମ୍ମଦ ସାମିଙ୍କ ବୟାନ






**ନୂଆଦିଲ୍ଲୀ**

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଭୁବନେଶ୍ୱର କୁମାର ଚାରି ବର୍ଷ ପରେ ଭାରତୀୟ ଦଳକୁ ଫେରିଛନ୍ତି। ଅନ୍ୟପକ୍ଷରେ, ମହମ୍ମଦ ସାମି ଏପର୍ଯ୍ୟନ୍ତ ଦଳକୁ ଫେରିପାରି ନାହାନ୍ତି। ଏକ ସାକ୍ଷାତକାରରେ ସାମି, ଭୁବିଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି।

ସାମି କହିଛନ୍ତି ଯେ ଭୁବିଙ୍କ ଚୟନ ତାଙ୍କ ପାଇଁ କୌଣସି ଫରକ ପକାଏ ନାହିଁ। ଏହି ଡାହାଣହାତୀ ଦ୍ରୁତ ବୋଲର ଜୋର୍ ଦେଇ କହିଛନ୍ତି ଯେ ଯେତେବେଳେ ବି ତାଙ୍କୁ ସୁଯୋଗ ମିଳିବ, ସେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବେ। ଉଲ୍ଲେଖନୀୟ ଯେ, ସାମି ଶେଷ ଥର ପାଇଁ ୨୦୨୫ ଚାମ୍ପିୟନ୍ସ ଟ୍ରଫି ସମୟରେ ଭାରତ ପାଇଁ ଖେଳିଥିଲେ।

୩୬ ବର୍ଷୀୟ ସାମି ମତ ଦେଇଛନ୍ତି ଯେ ଭୁବି ଭାରତ ପାଇଁ ଖେଳିବାର ସୁଯୋଗ ପାଇବା ଏକ ଭଲ କଥା। ନିଜର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସାମି କହିଛନ୍ତି ଯେ ଯଦି ତାଙ୍କୁ ଭାରତ ପାଇଁ ଖେଳିବାର ଆଉ କୌଣସି ସୁଯୋଗ ନ ମିଳେ, ତେବେ ଏଥିରେ ତାଙ୍କର କୌଣସି କ୍ଷତି ନାହିଁ।

ସାମି କହିଛନ୍ତି, 'ଭୁବନେଶ୍ୱର କୁମାରଙ୍କ ପାଇଁ ଏହା ଏକ ଭଲ କଥା ଯେ ସେ ଭାରତ ପାଇଁ ଖେଳିବାର ସୁଯୋଗ ପାଇଛନ୍ତି, କିନ୍ତୁ ଏହା ମୋ ପାଇଁ କୌଣସି ଫରକ ପକାଏ ନାହିଁ; ମୁଁ ଯେଉଁଠାରେ ବି ଖେଳିବାର ସୁଯୋଗ ପାଇବି, ସେଠାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବି। ବର୍ତ୍ତମାନ ମୋର ଧ୍ୟାନ ରଣଜୀ ମ୍ୟାଚ ଉପରେ ରହିଛି। ଗତ ଦୁଇ କିମ୍ବା ତିନି ବର୍ଷ ଧରି ମୋ ସହ ଏପରି ଘଟୁଛି। ମୁଁ ବଙ୍ଗଳା ପାଇଁ ଭଲ ପ୍ରଦର୍ଶନ କରିଛି ଏବଂ ଫିଟ ରହିଛି। ଯଦି ମୋତେ ଭାରତ ପାଇଁ ଖେଳିବାର ଆଉ ସୁଯୋଗ ନ ମିଳେ, ତେବେ ଏଥିରେ ମୋର କୌଣସି କ୍ଷତି ନାହିଁ।'

ସାମି ସାମ୍ପ୍ରତିକ ସମୟରେ ଘରୋଇ ମ୍ୟାଚଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିଛନ୍ତି, ତଥାପି ଭାରତୀୟ ଦଳରେ ତାଙ୍କୁ ଆଉ ଏକ ସୁଯୋଗ ମିଳିନାହିଁ। ସେତେବେଳେ ମୁଖ୍ୟ ଚୟନକର୍ତ୍ତା ଥିବା ଅଜିତ ଅଗରକର ଖରାପ ଫିଟନେସର ଦ୍ୱାହି ଦେଇ ବାରମ୍ବାର ତାଙ୍କୁ ଦଳରୁ ବାଦ ଦେଇଥିଲେ।

ସାମିଙ୍କ ସ୍ଥାନରେ ଭାରତ କ୍ରମାଗତ ଭାବେ ହର୍ଷିତ ରାଣା ଏବଂ ପ୍ରସିଦ୍ଧ କୃଷ୍ଣାଙ୍କ ଭଳି ଯୁବ ବୋଲରମାନଙ୍କୁ ସୁଯୋଗ ଦେଇଆସୁଛି। ଅନ୍ୟପକ୍ଷରେ, ଭୁବି (ଭୁବନେଶ୍ୱର କୁମାର) ୨୦୨୨ ପରେ ଭାରତୀୟ ଦଳକୁ ଫେରିଛନ୍ତି, ଗତ ଦୁଇ ବର୍ଷ ଧରି ଆଇପିଏଲରେ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିଛନ୍ତି। ଏହାର ବିପରୀତରେ, ସାମି ଆଇପିଏଲରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ତଥାପି, ଭୁବିଙ୍କ ପ୍ରତ୍ୟାବର୍ତ୍ତନ ସାମିଙ୍କ ଫେରିବା ନେଇ ମଧ୍ୟ ଆଶା ସଞ୍ଚାର କରିଛି। ଭବିଷ୍ୟତରେ ଚୟନକର୍ତ୍ତାମାନେ ସାମିଙ୍କ ଉପରେ ଭରସା କରିବେ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

# ପୁଣି ହେବ ଆଇପିଏଲ ଏବଂ ପିଏସଏଲ ମହାସଂଗ୍ରାମ

**ମୁମ୍ବାଇ**

୨୦୨୭ରେ ବି ଆଇପିଏଲ ଏବଂ ପାକିସ୍ତାନ ସୁପର ଲିଗ୍‌ର ଟକ୍କର ଦେଖିବାକୁ ମିଳିବ। ପିସିବି ଘୋଷଣା କରିଛି ଯେ, ପିଏସଏଲ ୧୨ର ଆରମ୍ଭ ୧୮ମାର୍ଚ୍ଚରୁ ହେବ ଏବଂ ଫାଇନାଲ ମଇ ମାସର ପ୍ରଥମ ସପ୍ତାହରେ ହେବ। ଏଭଳି ୨୦୨୫ରେ ପ୍ରଥମ ଥର ହୋଇଥିଲା ଯେତେବେଳେ ଭାରତ ଏବଂ ପାକିସ୍ତାନର ଦୁଇ ଟପ୍ ଲିଗର ସିଡ୍ୟୁଲରେ ସିଧା ସଳଖ ଟକ୍କର ଦେଖାଯାଇଥିଲା। ଏହାପରେ ୨୦୨୬ରେ ବି ଏଭଳି ହୋଇଛି ଏବଂ ଏବେ ଆଗାମୀ ବର୍ଷ ବି ପାକିସ୍ତାନ ସୁପର ଲିଗ୍ ଏବଂ ଇଣ୍ଡିଆନ ପ୍ରିମିୟର ଲିଗର ଟକ୍କର ହେବାକୁ ଅଛି।



ପାକିସ୍ତାନ ସୁପର ଲିଗ୍‌ର ଆୟୋଜନ ୧୮ମାର୍ଚ୍ଚ ରୁ ୨ମଇ ପର୍ଯ୍ୟନ୍ତ ହେବ। ଯାହା ଆଇପିଏଲର ଆୟୋଜନ ବି ମାର୍ଚ୍ଚ- ମଇରେ କରାଯାଇଥାଏ। ଏଥିଲାଗି ବିଶ୍ୱର ସବୁଠାରୁ ବଡ଼ ଫ୍ରାଞ୍ଚାଇଜ ଲିଗ୍ (ଆଇପିଏଲ) କାରଣରୁ ପାକିସ୍ତାନ ବୋର୍ଡ଼କୁ ପୁଣି ଥରେ କ୍ଷତି ହେବାର ଆଶା ବଢ଼ି ଯାଇଛି।

ପାକିସ୍ତାନ କ୍ରିକେଟ ବୋର୍ଡ଼ ଷ୍ଟେଟମେଣ୍ଟ ଜାରି କରି କହିଛି କି ସମସ୍ତ ଷ୍ଟେକହୋଲ୍ଡର୍ସ ଏବଂ ପାର୍ଟନର୍ସଙ୍କ ସହ କଥା ହେବା ପରେ ପାକିସ୍ତାନ ବୋର୍ଡ଼ ଏହି ତାରିଖ ଉପରେ ମୋହର ଲଗାଇଛି। ଏହାପରେ ଖେଳାଳି ଅକ୍ସନରୁ ନେଇ ଟିମର ରିଷ୍ଟେସନ ଲିଷ୍ଟ, ଡାଇରେକ୍ଟ ସାଇନିଂ ଏବଂ କେଉଁ ଖେଳାଳି ଟ୍ରେଡ୍ ହେଉଛନ୍ତି କିମ୍ବା ନାହିଁ ଏହା ଉପରେ ବି ଘୋଷଣା ସମ୍ଭବ। ୨୦୨୬ରେ ପାକିସ୍ତାନ ସୁପର ଲିଗ୍ ଏବଂ ଆଇପିଏଲର ଟକ୍କର ଦେଖିବାକୁ ମିଳିଥିଲା। ପିଏସଏଲର ୧୧ତମ ସିଜନର ଆୟୋଜନ ୨୬ମାର୍ଚ୍ଚରୁ ୩ମଇ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ଆଇପିଏଲ୍ ୨୦୨୬ର ମ୍ୟାଚ୍ ୨୮ମାର୍ଚ୍ଚରୁ ୩୧ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏହାପରେ ବି ପିସିବି ଦାବି କରୁଛି କି ପିଏସଏଲର ୧୧ତମ ସିଜନର ଫାଇନାଲ ମ୍ୟାଚ୍ ଦେଖିବା ଲାଗି ରେକର୍ଡ଼ ୩୨,୪୬୧ ଦର୍ଶକ ମୈଦାନରେ ଥିଲେ।

ଏବେ ପିଏସଏଲ ୧୨ର ଆୟୋଜନ ୧୮ମାର୍ଚ୍ଚରୁ ଆରମ୍ଭ ହେବ ଏବଂ ଫାଇନାଲ ୨ ମଇରେ ଖେଳାଯିବ। ଆଇପିଏଲ ୨୦୨୭ର ତାରିଖ ଉପରେ ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କିନ୍ତୁ ମିନି ନିଲାମୀ ଡିସେମ୍ବରରୁ ହେବ ଏବଂ ରିଷ୍ଟେଶନ ଲିଷ୍ଟ ଜାରି କରିବା ଲାଗି ୧୫ ନଭେମ୍ବର ପର୍ଯ୍ୟନ୍ତ ଡେଡ୍‌ଲାଇନ ରଖାଯାଇଛି।

# ସାଢ଼େ ୯ ବର୍ଷ ପରେ ଶତକ ହାସଲ କରି ଇତିହାସ ରଚିଲେ ମ୍ୟାଟ ରେନଶ

**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଡର୍ବାନର କିଙ୍ଗସମିଡ ଷ୍ଟାଡିୟମରେ ଚାଲିଛି। ଅଷ୍ଟ୍ରେଲିଆର ମଧ୍ୟ-କ୍ରମ ବ୍ୟାଟର ମ୍ୟାଟ ରେନସ' ଏହି ମ୍ୟାଚରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା, ରେନସ' ୨୧୮ଟି ବଲ ଖେଳି ୧୦ଟି ଚୌକା ସହାୟତାରେ ୧୦୨ ରନ କରି ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆର ସ୍କୋର ବର୍ତ୍ତମାନ ୮ ୱିକେଟ ବିନିମୟରେ ୨୭୭ ରନ ରହିଛି।




ରେନସ' ପଞ୍ଚମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ଏକ ସମୟରେ ଅଷ୍ଟ୍ରେଲିଆ ୧୨୪ ରନରେ ୬ଟି ୱିକେଟ ହରାଇ ସଙ୍କଟଜନକ ସ୍ଥିତିରେ ଥିଲା; ସେହି ସ୍ଥିତିରୁ ଶତକ ହାସଲ କରିବା ଏବଂ ଦଳକୁ ୩୦୦ ରନର ନିକଟବର୍ତ୍ତୀ କରାଇବା ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କ ବିପକ୍ଷରେ ଆଦୌ ସହଜ କାର୍ଯ୍ୟ ନଥିଲା। ତଥାପି, ରେନସ' ଦୃଢ଼ତାର ସହ ଖେଳି ଅଧିନାୟକ ପ୍ୟାଟ କମିନ୍ସଙ୍କ ସହ ସପ୍ତମ ୱିକେଟ ପାଇଁ ୮୪ ରନର ଭାଗୀଦାରୀ ସ୍ଥାପନ କରିଥିଲେ। କମିନ୍ସ ୯୮ଟି ବଲ ଖେଳି ୬ଟି ଚୌକା ସହାୟତାରେ ୪୩ ରନ କରି ଆଉଟ ହୋଇଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଟ ରେନସ'ଙ୍କ ଏହି ଶତକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ । ସାଢ଼େ ନଅ ବର୍ଷ ମଧ୍ୟରେ ଏହା ତାଙ୍କର ପ୍ରଥମ ଟେଷ୍ଟ ଶତକ। ଉଲ୍ଲେଖନୀୟ ଯେ, ସେ ଦୀର୍ଘ ସମୟ ଧରି ଟେଷ୍ଟ ଦଳର ଅଂଶ ନଥିଲେ; ପ୍ରାୟ ନଅ ବର୍ଷ ପରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ରେନସ'ଙ୍କ ଏହି ଶତକ ବିଭିନ୍ନ କାରଣରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି, ୧୨ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା ଯେତେବେଳେ ଜଣେ ଅଷ୍ଟ୍ରେଲୀୟ ବ୍ୟାଟର ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ୨୦୧୪ ମସିହାରେ କିଙ୍ଗସମିଡ ଠାରେ ଜଣେ ଅଷ୍ଟ୍ରେଲୀୟ ଖେଳାଳି ଏହି ସଫଳତା ହାସଲ କରିଥିଲେ।

# ଚମତ୍କାର ରେକର୍ଡ କଲେ ତିଲକ ବର୍ମା




**ନୂଆଦିଲ୍ଲୀ**

ଭାରତୀୟ ଟି-୨୦ ଦଳର ଉପଅଧିନାୟକ ତିଲକ ବର୍ମାଙ୍କ ବ୍ୟାଟ ପୁଣିଥରେ ଗର୍ଜିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ରାଞ୍ଚିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ସେ ମାତ୍ର ୧୮ଟି ବଲ୍‌ରୁ ଅପରାଜିତ ୪୪ ରନ କରିଛନ୍ତି। ତାଙ୍କର ଏହି ଦ୍ରୁତ ଇନିଂସ ଭାରତର ସ୍କୋରକୁ ୨୪୯ ରନ୍‌ରେ ପହଞ୍ଚାଇଥିଲା। ଏହି ପ୍ରଦର୍ଶନ ସହ ତିଲକ ନିଜ ଟି-୨୦ କ୍ୟାରିୟରରେ ୫୦୦୦ ରନ ପୂରଣ କରିଛନ୍ତି।

ରିପୋର୍ଟ ଅନୁସାରେ, ସେ ୧୭୪ଟି ଟି-୨୦ ମ୍ୟାଚ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ତେବେ କେବଳ ରନ ସଂଖ୍ୟା ନୁହେଁ, ବ୍ୟାଟିଂ ହାରାହାରି ଓ ଷ୍ଟ୍ରାଇକ ରେଟକୁ ନେଇ ମଧ୍ୟ ତାଙ୍କର ଏକ ଉଲ୍ଲେଖନୀୟ ରେକର୍ଡ।

ଟି-୨୦ କ୍ରିକେଟରେ ୫୦୦୦ ରନ ପୂରଣ କରିଥିବା ୧୪୩ ଜଣ ବ୍ୟାଟରଙ୍କ ମଧ୍ୟରେ ତିଲକ ଏକମାତ୍ର ଖେଳାଳି, ଯାହାଙ୍କ ବ୍ୟାଟିଂ ହାରାହାରି ୪୦ରୁ ଅଧିକ ଏବଂ ଷ୍ଟ୍ରାଇକ ରେଟ ୧୪୦ରୁ ଅଧିକ।

୨୦୨୬ରେ ଶେଷ ଚାରି ଓଭର୍ ଅର୍ଥାତ୍ ୧୬ରୁ ୨୦ତମ ଓଭର୍ ମଧ୍ୟରେ ତିଲକ ୧୭୮ଟି ବଲ୍ ସାମ୍ନା କରି ୪୧୪ ରନ କରିଥିବା ରିପୋର୍ଟରେ କୁହାଯାଇଛି। ଏହି ସମୟରେ ତାଙ୍କ ଷ୍ଟ୍ରାଇକ ରେଟ ୨୩୨.୫୮ ଥିବା ଦାବି କରାଯାଇଛି।

# ଶୋଚନୀୟ ପରାଜୟ ପରେ ଭାରତୀୟ ଦଳରେ ପରିବର୍ତ୍ତନ

**ନୂଆଦିଲ୍ଲୀ**

ଦ୍ୱିତୀୟ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ବ୍ୟାଟରମାନେ ଭାରତୀୟ ବୋଲରଙ୍କୁ ନିର୍ଦ୍ଦୟ ଭାବେ ପ୍ରହାର କରିଥିଲେ। ଭାରତ ୨୫୦ ରନର ସ୍କୋରକୁ ରକ୍ଷା କରିବାରେ ବିଫଳ ହୋଇଥିଲା, ଯାହା ଫଳରେ ତୃତୀୟ ମ୍ୟାଚ ପାଇଁ 'ପ୍ଲେଇଂ ଇଲେଭେନ' (ଖେଳାଳିଙ୍କ ଚୂଡ଼ାନ୍ତ ଏକାଦଶ)ରେ ପରିବର୍ତ୍ତନର ସମ୍ଭାବନା ସୃଷ୍ଟି ହୋଇଛି। ଉଭୟ ଦଳ ମଧ୍ୟରେ ଚାଲିଥିବା ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜର ତୃତୀୟ ମ୍ୟାଚ ରବିବାର, ଅକ୍ଟୋବର ୧୧ରେ ଇନ୍ଦୋରର ହୋଲକର ଷ୍ଟାଡିୟମରେ ଖେଳାଯିବ।




ଏହି ମ୍ୟାଚ ପାଇଁ ଭାରତୀୟ ଦଳ ଜଣେ ଅତିରିକ୍ତ ସ୍ପେସାଲିଷ୍ଟ ବୋଲରଙ୍କୁ ସାମିଲ କରିପାରେ। ପୂର୍ବ ଦୁଇଟି ମ୍ୟାଚରେ ଭାରତ ତିନିଜଣ ଅଲ-ରାଉଣ୍ଡରଙ୍କୁ ଖେଳାଇଥିଲା, ତଥାପି, ଉଭୟ ମ୍ୟାଚରେ ଦଳର ବ୍ୟାଟରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହାର ଅର୍ଥ ହେଉଛି ଅଲ-ରାଉଣ୍ଡରମାନଙ୍କୁ ବ୍ୟାଟିଂରେ ବିଶେଷ ଯୋଗଦାନ ଦେବାର ଆବଶ୍ୟକତା ପଡ଼ିନଥିଲା।

ଏହା ବ୍ୟତୀତ, ଏକ ବଡ଼ ସ୍କୋରକୁ ରକ୍ଷା କରିବା ସମୟରେ ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କ ଅଭାବ ଅନୁଭବ କରିଥିଲା। ଫଳରେ, ଟିମ ଇଣ୍ଡିଆ 'ପ୍ଲେଇଂ ଇଲେଭେନ'ରେ ଶିବମ ଦୁବେଙ୍କ ସ୍ଥାନରେ ଜଣେ ଦ୍ରୁତ ବୋଲରଙ୍କୁ ସାମିଲ କରିପାରେ, ଯିଏ ଆଇପିଏଲରେ ଲକ୍ଷ୍ନୌ ସୁପର ଜିଆଣ୍ଟସ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି।

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଦିଲ୍ଲୀର ଦ୍ରୁତ ବୋଲର ପ୍ରିନ୍ସ ଯାଦବ ଶିବମ ଦୁବେଙ୍କ ସ୍ଥାନ ନେଇପାରନ୍ତି। ଆଇପିଏଲ ସମୟରେ ମଧ୍ୟ ଓଭର ଏବଂ ଡେଥ ଓଭରରେ ନିଜର ଚମତ୍କାର ବୋଲିଂ ଦ୍ୱାରା ପ୍ରିନ୍ସ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ସେ ପୂର୍ବରୁ ଭାରତ ପାଇଁ ଛଅଟି ଟି-୨୦ ମ୍ୟାଚ ଖେଳି ନଅଟି ୱିକେଟ ହାସଲ କରିଛନ୍ତି।

ଅନ୍ୟପକ୍ଷରେ, ଦୁବେ ୨୦୨୬ ଏସୀୟ କ୍ରୀଡ଼ା ଫାଇନାଲରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ, ୱେଷ୍ଟଇଣ୍ଡିଜ ବିପକ୍ଷ କୌଣସି ମ୍ୟାଚରେ ବିଶେଷ ପ୍ରଭାବ ପକାଇବାରେ ବିଫଳ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ତାଙ୍କୁ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା, କିନ୍ତୁ ସେ ୧୦ଟି ବଲରୁ ମାତ୍ର ୭ ରନ ସଂଗ୍ରହ କରି ପାଭିଲିଅନ ଫେରିଥିଲେ।

ଏହା ପରେ, ବୋଲିଂ କରିବା ସମୟରେ ସେ ଦୁଇ ଓଭରରେ ୩୦ ରନ ଦେଇଥିଲେ। ଏହି କାରଣରୁ ତାଙ୍କ ସ୍ଥାନରେ ପ୍ରିନ୍ସଙ୍କୁ ଦଳରେ ସାମିଲ କରାଯାଇପାରେ। ଏହା ବ୍ୟତୀତ, ହୋଲକର ଷ୍ଟାଡିୟମ ଅଧିକ ରନ ସଂଗ୍ରହ ହେଉଥିବା ମ୍ୟାଚ ପାଇଁ ଜଣାଶୁଣା, ତେଣୁ ଯଦି ଭାରତକୁ ପୁଣିଥରେ କୌଣସି ସ୍କୋରକୁ ରକ୍ଷା (ଡିଫେଣ୍ଡ) କରିବାକୁ ପଡ଼େ, ତେବେ ଜଣେ ଅତିରିକ୍ତ ବୋଲରଙ୍କ ଉପସ୍ଥିତି ଲାଭଦାୟକ ସାବ୍ୟସ୍ତ ହେବ।

ଭାରତୀୟ ଦଳ ନିଜର ବ୍ୟାଟିଂ କ୍ରମରେ କୌଣସି ପରିବର୍ତ୍ତନ କରିବାର ସମ୍ଭାବନା କମ, କାରଣ ପ୍ରାୟ ସମସ୍ତ ବ୍ୟାଟର ଚମତ୍କାର ଫର୍ମରେ ଅଛନ୍ତି। ଗତ ମ୍ୟାଚରେ ସଞ୍ଜୁ ସାମସନ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ବ୍ୟତୀତ, ଅଭିଷେକ ଶର୍ମା ଏକ ଛୋଟ କିନ୍ତୁ ବିସ୍ଫୋରକ ଇନିଂସ ଖେଳିଥିଲେ, ତଥାପି, ତୃତୀୟ ମ୍ୟାଚରେ ଦଳ ତାଙ୍କଠାରୁ ଏକ ବଡ଼ ଇନିଂସ ଆଶା କରୁଛି।

ଅଧିନାୟକ ଶ୍ରେୟସ ଆୟର ଉଭୟ ମ୍ୟାଚରେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ମ୍ୟାଚରେ ଶତକ ହାସଲ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୪୦ ରନର ଏକ ଦ୍ରୁତ ଇନିଂସ ଖେଳିଥିଲେ। ଇଶାନ କିଶନ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛନ୍ତି। ପୂର୍ବ ମ୍ୟାଚଗୁଡ଼ିକରେ ତିଲକ ବର୍ମା ମଧ୍ୟ ୱେଷ୍ଟଇଣ୍ଡିଜ ବୋଲରଙ୍କ ଉପରେ ଜୋରଦାର ଆକ୍ରମଣ କରିଥିଲେ। ଏହି ପରିସ୍ଥିତିକୁ ଦେଖିଲେ, ଭାରତ ନିଜର ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରିବାର ସମ୍ଭାବନା କମ।

ଉଲ୍ଲେଖନୀୟ ଯେ, ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ସିରିଜ ବର୍ତ୍ତମାନ ୧-୧ ସ୍ତରରେ ରହିଛି। ରବିବାର ଉଭୟ ଦଳ ମ୍ୟାଚ ଜିତି ସିରିଜରେ ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖିବେ। ହୋଲକର ଷ୍ଟାଡିୟମରେ ଦର୍ଶକମାନେ ପୁଣିଥରେ ଏକ ଉଚ୍ଚ ସ୍କୋର ବିଶିଷ୍ଟ ମୁକାବିଲା ଦେଖିବାକୁ ପାଇପାରନ୍ତି।

# ୧୫ ବର୍ଷ ପରେ ଦଳ ଛାଡ଼ିଲେ ମାଇକେଲ ହସି

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୭ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ର କୋଚିଂ ଟିମ୍ରେ ବଡ଼ ପରିବର୍ତ୍ତନ ଜାରି ରହିଛି। ଏହି ଫ୍ରାଞ୍ଚାଇଜ ନିଜର କିମ୍ବଦନ୍ତୀ ବ୍ୟାଟିଂ କୋଚ ମାଇକେଲ ହସିଙ୍କ ସହ ସମ୍ପର୍କ ଛିନ୍ନ କରିଛି। ଏହା ସହିତ, ଖେଳାଳି ଓ କୋଚ ଭାବେ ସିଏସ୍‌କେ ସହ ଅଷ୍ଟ୍ରେଲିଆର 'ମିଷ୍ଟର କ୍ରିକେଟ' ଭାବେ ପରିଚିତଙ୍କ ୧୫ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଐତିହାସିକ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।




ଦୀର୍ଘ ୮ ବର୍ଷ ଧରି ଦଳର ବ୍ୟାଟିଂ କୋଚ ଭାବେ କାର୍ଯ୍ୟ କରୁଥିବା ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ମାଇକେଲ ହସିଙ୍କ ସହ ସିଏସ୍‌କେର ସମ୍ପର୍କ ଶେଷ ହୋଇଛି। ତାଙ୍କୁ ଦଳର କୋଚିଂ ତାଲିକାରୁ ହଟାଇ ଦିଆଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ସହ ଫିଲ୍ଡିଂ କୋଚ ଜେମ୍ସ ଫୋଷ୍ଟରଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି।

ମାଇକେଲ ହସି ୨୦୧୮ ମସିହାରୁ ସିଏସ୍‌କେର ବ୍ୟାଟିଂ କୋଚ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଖେଳାଳି ଭାବେ ମଧ୍ୟ ସେ ଚେନ୍ନାଇ ଦଳ ସହ ଜଡ଼ିତ ଥିଲେ। ତାଙ୍କ ଦୀର୍ଘ ଅବଦାନ ଦଳର କୋଚିଂ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ସିଏସ୍‌କେ ପରିଚାଳନା ପକ୍ଷରୁ ହସିଙ୍କୁ ଏହି ନିଷ୍ପତ୍ତି ବିଷୟରେ ଜଣାଇ ଦିଆଯାଇଛି। ଆଗାମୀ ସିଜିନ୍ରେ ତାଙ୍କ ସ୍ଥାନରେ କିଏ ବ୍ୟାଟିଂ କୋଚ ହେବେ, ସେନେଇ ଏପର୍ଯ୍ୟନ୍ତ କୌଣସି ନାମ ଚୂଡ଼ାନ୍ତ ହୋଇନାହିଁ। ଅନ୍ୟ ଆଇପିଏଲ ଦଳ ସହ ହସିଙ୍କ ଯୋଗାଯୋଗ ଥିବା ନେଇ ଜଣାପଡ଼ିଛି।

ସିଏସ୍‌କେର ଫିଲ୍ଡିଂ କୋଚ ଜେମ୍ସ ଫୋଷ୍ଟରଙ୍କ ଭବିଷ୍ୟତ ମଧ୍ୟ ଏବେ ଚର୍ଚ୍ଚାରେ ରହିଛି। ଇଂଲଣ୍ଡର ପୂର୍ବତନ କ୍ରିକେଟର ଫୋଷ୍ଟର ଗତବର୍ଷ ଦଳ ସହ ଯୋଡ଼ି ହୋଇଥିଲେ। ତାଙ୍କ ଚୁକ୍ତିର ଅବଧି ବଢ଼ାଇବା ସମ୍ପର୍କିତ ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ତେବେ ତାଙ୍କୁ ଦଳରୁ ହଟାଇବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

ଆଇପିଏଲ୍ ୨୦୨୭ ପାଇଁ ଜାହିର ଖାନଙ୍କ ସିଏସ୍‌କେର ନୂଆ ମୁଖ୍ୟ କୋଚ ଭାବେ ନିଯୁକ୍ତ କରାଯାଇଛି। ଦୀର୍ଘ ୧୮ ବର୍ଷ ଧରି ଦଳ ସହ ଜଡ଼ିତ ଥିବା ଷ୍ଟିଫେନ ଫ୍ଲେମିଂଙ୍କ ସ୍ଥାନରେ ସେ ଦାୟିତ୍ୱ ନେଇଛନ୍ତି। ସେହିପରି, ବୋଲିଂ କୋଚ ଏରିକ ସିମନ୍ସଙ୍କ ସ୍ଥାନରେ ମୋହିତ ଶର୍ମା ଦାୟିତ୍ୱ ନେବାକୁ ଯାଉଥିବା ଜଣାପଡ଼ିଛି।

ନୂଆ ମୁଖ୍ୟ କୋଚଙ୍କ ନେତୃତ୍ୱରେ ସିଏସ୍‌କେ ନିଜର ସପୋର୍ଟ ଷ୍ଟାଫକୁ ପୁନର୍ଗଠନ କରୁଥିବା ବେଳେ ବ୍ୟାଟିଂ ଓ ଫିଲ୍ଡିଂ କୋଚ୍‌ଙ୍କ ପଦବୀକୁ ନେଇ ଆଗାମୀ ଦିନରେ ଅଧିକ ସ୍ପଷ୍ଟତା ଆସିବାର ଆଶା ରହିଛି।

# ଏସଜେଆର ୱାରିୟର୍ସ ଗୁରୁଜଙ୍ଗ ଓ ବିଏସଏ ଭାଲିଆବାଡ଼ି ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ଆଜିର ତୃତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଏସ ଜେ ଆର ୱାରିୟର୍ସ ଗୁରୁଜଙ୍ଗ ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ କୁବକୁ ଭେଟିଥିଲା। ଟସ୍‌ରେ ବିଜୟ ଲାଭ କରି ମୁକୁନ୍ଦପ୍ରସାଦ ପ୍ରଥମେ ବ୍ୟାଟିଂ କରି ଦଳ ୧୮.୪ ଓଭର ରେ ୧୨୯ ରନ୍ କରି ସମସ୍ତ ୱିକେଟ ହରାଇଥିଲା । ଦଳ ପକ୍ଷରୁ ଅର୍ଷଦ୍ ଖାନ ସର୍ବାଧିକ ୨୭ ରନ୍ କରିଥିଲେ ।ଗୁରୁଜଙ୍ଗ ପକ୍ଷରୁ ମହେଶ୍ୱର ଚମ୍ପତି ୩ ଟି ୱିକେଟ ହାସଲ କରିଥିଲେ। ଜବାବ୍‌ରେ ଗୁରୁଜଙ୍ଗ ୧୩ ଓଭରରେ ୪ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅର୍ଦ୍ଧଶତକ ହାସଲ କରିଥିବା ସୂର୍ଯ୍ୟକାନ୍ତ ବଡ଼ଜେନାଙ୍କୁ ଅତିଥି ସାଗର ସିମେଣ୍ଟର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ବେହେରା ଓ ବରିଷ୍ଠ ସାମ୍ବାଦିକ ପ୍ରଦୀପ ବେହେରା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବାଲୁଙ୍କେଶ୍ୱର ୱାରିୟାର୍ସ ଟମାଣ୍ଡୋ ବି ଏସ ଏ ଭାଲିଆବାଡିକୁ ଭେଟିଥିଲା ।ଟସ୍‌ରେ ବିଜୟ ଲାଭ କରି ଟମାଣ୍ଡୋ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା। ଭାଲିଆବାଡ଼ି ଦଳ ୧୮ ଓଭରରେ ୧୦ ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ସର୍ବାଧିକ ୪୫ ରନ୍ ସଂଗ୍ରହ କରିଥିଲେ। ଟମାଣ୍ଡୋ ପକ୍ଷରୁ ଆୟୁଷ ସ୍ୱାଇଁ ୩ଟି ୱିକେଟ ହାସଲ କରିଥିଲେ। ଜବାବ୍‌ରେ ଟମାଣ୍ଡୋ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୨ ରନ୍‌ରେ ଅଲଆଉଟ୍ ହୋଇ ୩୫ରନ୍‌ରେ ପରାସ୍ତ ହୋଇଥିଲା ।ଆଲରାଉଣ୍ଡ ପ୍ରଦର୍ଶନ ପାଇଁ ଭାଲିଆବାଡି ଦଳର ସାଗର ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଭବାନୀ ଶଙ୍କର ଶତପଥୀ ଓ ଅସିତ୍ ଶତପଥୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଆଜିର ମ୍ୟାଚ୍‌କୁ ଅସିତ୍ ଶତପଥୀ, ପ୍ରଶାନ୍ତ ବେହେରା, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ରାଜେନ୍ଦ୍ର ବେହେରା ଓ ଏସ.କେ ସାଜନ୍ କାର୍ଯ୍ୟ ତୁଲାଇଥିଲେ। ୧୧/୧୦/୨୬ ରବିବାର ପ୍ରଥମ ମ୍ୟାଚ ବାଲୁଙ୍କେଶ୍ୱର ୱାରିୟାର୍ସ ଟମାଣ୍ଡୋ ବନାମ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ଓ ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଡେଆରବ୍ଲୁସ୍ ବନାମ ମିଳନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।




# ୨ ଅଧିନାୟକଙ୍କ ସାଇଲେଣ୍ଟ ୱାର : କ୍ରିକେଟ ମହଲରେ ଚର୍ଚ୍ଚା ଜୋରଦାର

**ନୂଆଦିଲ୍ଲୀ**

କ୍ରିକେଟ ପଡ଼ିଆରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ସାଧାରଣତଃ ବାକ୍‌ଯୁଦ୍ଧ କିମ୍ବା ସ୍ଲେଜିଂ ଦେଖିବାକୁ ମିଳେ ନାହିଁ। କିନ୍ତୁ ଚଳିତ ଗସ୍ତକୁ ନେଇ ଦୁଇ ଦଳର ଅଧିନାୟକଙ୍କ ମଧ୍ୟରେ ଏକ ଭିନ୍ନ ଧରଣର 'ସାଇଲେଣ୍ଟ ୱାର' ଚର୍ଚ୍ଚାକୁ ଆସିଛି। ପଡ଼ିଆରେ ନୁହେଁ, ଏଥର ଲଢ଼େଇର ଝଲକ ଦେଖିବାକୁ ମିଳିଛି ଇନ୍‌ଷ୍ଟାଗ୍ରାମରେ। ଶୁବମନ ଗିଲଙ୍କ '୪୦୬ କୁଲ' କ୍ୟାପ୍ସନ୍ର ଜବାବରେ ସାଇ ହୋପ ଲେଖିଛନ୍ତି '୨୫୦ କୁଲ'। ଏହି ଦୁଇଟି ଛୋଟ କ୍ୟାପ୍ସନ ଏବେ କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।



ଏହି ସୋସିଆଲ ମିଡିଆ ଚର୍ଚ୍ଚାର ଆରମ୍ଭ ହୋଇଥିଲା ଗୁଆହାଟୀରେ ଖେଳାଯାଇଥିବା ଦିନିକିଆ ମ୍ୟାଚରୁ। ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୦୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଭାରତ ଐତିହାସିକ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଗିଲ ମାତ୍ର ୧୩୩ଟି ବଲରୁ ଅପରାଜିତ ୨୨୩ ରନ କରି ଦଳକୁ ବିଜୟୀ କରାଇଥିଲେ।

ଏହି ଦମ୍‌ଦାର ପ୍ରଦର୍ଶନ ପରେ ଗିଲ ଇନ୍‌ଷ୍ଟାଗ୍ରାମରେ ନିଜ ସେଲିବେଶନର ଏକ ଫଟୋ ଶେୟାର କରିଥିଲେ। ଏହାର କ୍ୟାପ୍ସନ୍‌ରେ ସେ ଲେଖିଥିଲେ'୪୦୬ କୁଲ୍' ଗିଲଙ୍କ ଏହି ଛୋଟ କିନ୍ତୁ ଆକର୍ଷଣୀୟ କ୍ୟାପ୍ସନର ସେତେବେଳେ ବେଶ ଚର୍ଚ୍ଚା ସାଉଁଟିଥିଲା।

ଗିଲଙ୍କ କ୍ୟାପ୍ସନର ଜବାବ ଦେବାକୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ ମଧ୍ୟ ସମାନ ଶୈଳୀ ଆପଣାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଧାର୍ଯ୍ୟ କରିଥିବା ୨୫୦ ରନର ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ୬ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ହୋପ ଅପରାଜିତ ୧୦୨ ରନର ଦମ୍‌ଦାର ଇନିଂସ ଖେଳି ଦଳର ବିଜୟରେ ପ୍ରମୁଖ ଭୂମିକା ନେଇଥିଲେ। ବିଜୟ ପରେ ହୋପ ମ୍ୟାଚର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରି '୨୫୦ କୁଲ୍' ବୋଲି କ୍ୟାପ୍ସନ ଦେଇଥିଲେ। ଗିଲଙ୍କ କ୍ୟାପ୍ସନ ସହ ଏହାର ସମାନତା ଦେଖି ପ୍ରଶଂସକମାନେ ଏହାକୁ ଏକ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

ବିନା କୌଣସି ବାକ୍ ଯୁଦ୍ଧ କିମ୍ବା ସ୍ଲେଜିଂରେ, ଉଭୟ ଅଧିନାୟକ ନିଜ ନିଜ ଦଳର ପ୍ରଦର୍ଶନକୁ ଦୁଇଟି ଶବ୍ଦରେ ପ୍ରକାଶ କରିଛନ୍ତି। ଏହି ହାଲୁକା ଢଙ୍ଗର ସୋସିଆଲ ମିଡିଆ ଆଦାନପ୍ରଦାନ କ୍ରିକେଟ ପ୍ରଶଂସକଙ୍କୁ ବେଶ ଆକର୍ଷିତ କରିଛି। ତେବେ ଶୁବମନ ଗିଲ ଏହି ଟି-୨୦ ସିରିଜର ଅଂଶ ନୁହନ୍ତି। ଏହା ସତ୍ତ୍ୱେ ତାଙ୍କ ପୂର୍ବ କ୍ୟାପ୍ସନ ହୋପଙ୍କ ଏହି ଅନୁକରଣ ଏବେ କ୍ରିକେଟ ମହଲରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।



# ମହାଳୟାରେ ମା' ସୁରେଶ୍ୱରୀଙ୍କ ଧବଳମୁଖୀ ବେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ସୋନପୁର ସହରର ହେଉଛି ମନ୍ଦିର ମାଳିନୀ ସହର ଏଠାରେ ଅଷ୍ଟଚଣ୍ଡୀ ଙ୍କ ପୀଠ ଅଶ୍ୱିନୀ ମାସ ମହାଳୟା ଅମାବାସ୍ୟା ଅବସରରେ ଅଷ୍ଟ ଚଣ୍ଡୀ ଙ୍କ ପୀଠ ସୁବର୍ଣ୍ଣପୁର ର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀ ଓ ଭଗବତୀ ଭକ୍ତମାନଙ୍କୁ ଦୁର୍ଲଭ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ବର୍ଷର ଅନ୍ୟ ଦିନମାନଙ୍କରେ ଲାଲବର୍ଣ୍ଣୀ ମୁଖମଣ୍ଡଳରେ ଦର୍ଶନ ଦେଉଥିବା ମାଁ ଏହି ବିଶେଷ ଦିନରେ ଶ୍ୱେତବର୍ଣ୍ଣୀ ବେଶରେ ସଜ୍ଜିତ ହୋଇଥାନ୍ତି। ଜନବିଶ୍ୱାସ ଅନୁଯାୟୀ, ମାଁ ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ଗଙ୍ଗାସ୍ନାନ ଓ ତୀର୍ଥଦର୍ଶନ ସମତୁଲ। ଭକ୍ତମାନେ ଏହାକୁ ପାପମୋଚନ, ଆତ୍ମିକ ଶାନ୍ତି



ଓ ମନୋକାମନା ପୂରଣର ପବିତ୍ର ଅବସର ଭାବେ ଗ୍ରହଣ କରିଥାନ୍ତି। ମହାଳୟା ଅବସରରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ଭିଡ଼ରେ ସମଗ୍ର ସହର ଭକ୍ତିମୟ ହୋଇଉଠିଛି। ଏହି ପବିତ୍ର ଅବସରରେ ମାଁ ସୁରେଶ୍ୱରୀଙ୍କ ସମେତ ମାଁ ଭଗବତୀ, ମାଁ ମାଣିକେଶ୍ୱରୀ, ମାଁ ଭୁବନେଶ୍ୱରୀ ଓ ମାଁ ଦୁର୍ଗାଦେବୀ ମଧ୍ୟ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ବିଭିନ୍ନ ଦେବୀପୀଠରେ ଏହି ବିରଳ ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଛି। ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ଷୋଳପୂଜା ଦିନଠାରୁ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେଉଛି। ଏ ସମସ୍ତ ଆଧ୍ୟାତ୍ମିକ ପରିବେଶ କୁ ଦେଖି ଦେବୀ ପୀଠରେ ଶ୍ରଦ୍ଧାଳୁ ବିଶେଷ ସମାଗମ ହେତୁ ଭୀଡ ନିୟନ୍ତ୍ରଣ ପାଇଁ ବିଭିନ୍ନ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ସ୍ୱଚ୍ଛତା ଅଭିଯାନ ଓ ଯାତ୍ରୀଙ୍କ ସହ ଜନସମ୍ବାଦ ଜାରି ରଖିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବ ତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନ ଅବସରରେ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଏବଂ ଯାତ୍ରୀଙ୍କ ସହ ଜନସମ୍ବାଦ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ କରିବା ଏବଂ ରେଳବାଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟାଳୟ ପରିସରର ଯାନ୍ତ୍ରିକ ସଫେଇ, ରେଳଧାରଣା ପାର୍ଶ୍ୱରୁ ବର୍ଜ୍ୟବସ୍ତୁ ଓ ପୁରୁଣା ଆବର୍ଜନା ହଟାଇବା ସହ ଇ-ବର୍ଜ୍ୟବସ୍ତୁ ଏବଂ




ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଭଳି କାର୍ଯ୍ୟ କରାଯାଇଛି। ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କୁଇଜ୍ ପ୍ରତିଯୋଗିତା ସହ ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ରାୟଗଡ଼, ବଲାଙ୍ଗୀର, ବରପାଲି ଓ ଟିଟିଲାଗଡ଼ ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଓ ଯାତ୍ରୀମାନେ ଉତ୍ସାହର ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହା ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରିବା ସହ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା, ଟ୍ରେନର ସ୍ୱଚ୍ଛତା ଓ ସେବା ପ୍ରଦାନ ସମ୍ପର୍କରେ ନିଜ ଅନୁଭୂତି, ପରାମର୍ଶ ଓ ମତାମତ ରଖିଥିଲେ। ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଆଧାରରେ ସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କ୍ଷେତ୍ର ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି କରିବାରେ ସହାୟତା ମିଳିବ। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛତା, ଉନ୍ନତ ଯାତ୍ରୀ ସୁବିଧା ଏବଂ ଯାତ୍ରୀକୈନ୍ଦ୍ରିକ ରେଳ ସେବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ରେଭେନ୍ସା କୁଳପତିଙ୍କ ଅଫିସ୍ ଆଗରେ ଧାରଣା ଦେଲେ ଛାତ୍ର ସଂଗଠନ

**କଟକ, ନ୍ୟୁଜ ବ୍ୟୁରୋ**
ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ତେଜିଲା ବିବାଦ। ନାମାଙ୍କନ ଦାଖଲ ସମୟ ଏବଂ ନାମାଙ୍କନ ଯାଞ୍ଚ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ରେଭେନ୍ସା ଭିନ୍ନକ୍ଷମ ଛାତ୍ର ସଂଗଠନ ଏବଂ ଏଆଇଡିଏସଓର ସଦସ୍ୟମାନେ। ଏଆଇଡିଏସଓ ପକ୍ଷରୁ ଅଭିଯୋଗ ହୋଇଛି ଯେ, ସଭାପତି ପଦ ପାଇଁ ପ୍ରାର୍ଥୀ ହୋଇଥିବା ସ୍ୱପ୍ନରାଣୀ ପ୍ରଧାନଙ୍କ ନାମାଙ୍କନକୁ ଯାଞ୍ଚ ସମୟରେ ନାକଚ କରିଦିଆଯାଇଛି। ସ୍ୱପ୍ନରାଣୀ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଚତୁର୍ଥ ବର୍ଷର ଛାତ୍ରୀ ହୋଇଥିବାରୁ ତାଙ୍କ ନାମାଙ୍କନ କାଟି ଦିଆଯାଇଥିବା କୁହାଯାଉଛି। ତେବେ ଏଭଳି ନିୟମ ନଥିବା ଦାବି କରିଛନ୍ତି ସ୍ୱପ୍ନରାଣୀ। ନାମାଙ୍କନ ଯାଞ୍ଚ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ସେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅନ୍ୟପଟେ, ନାମାଙ୍କନ ଦାଖଲ ଏବଂ ଯାଞ୍ଚ ପ୍ରକ୍ରିୟାକୁ ନେଇ ଉଠିଥିବା ଏହି ପ୍ରଶ୍ନ ଏବେ ରେଭେନ୍ସା କ୍ୟାମ୍ପସରେ ଚର୍ଚ୍ଚାର ବିଷୟ ପାଲଟିଛି। ନାମାଙ୍କନ ନାକଚ ପଛରେ ପ୍ରକୃତ କାରଣ କ'ଣ? ନିୟମ ଅନୁସାରେ ନାମାଙ୍କନ ନାକଚ ହୋଇଛି ନା ଏଥିରେ କୌଣସି ଅନିୟମିତତା ରହିଛି? ଏହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀରେ ହୁଲୁସ୍ଥୁଲ...

ଦାସ ବି ଅଟକ ରହିଥିଲେ। ଏହାପରେ ସାମ୍ନାକୁ ଆସିଥିଲା ସିଜେପିଇ ପ୍ଲାନ୍-ବି। ଆଜିଙ୍କ୍ୟ ସିନ୍ଦେ ଆନ୍ଦୋଳନକୁ ଲିଡ୍ କରିବେ ବୋଲି ପ୍ରିସୁଟ୍ ଭିଡିଓ ଜାରି କରିଥିଲା କକରୋଚ୍ ଜନତା ପାର୍ଟି। ଏସ୍ଆଇଆର ଓ ଜନ୍ତରମନ୍ତର ଆନ୍ଦୋଳନକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ବିଜେପିର ବରିଷ୍ଠ ନେତା ରବିଶଙ୍କର ପ୍ରସାଦ। ସେ ପ୍ରଶ୍ନ କରିଛନ୍ତି, ଦେଶରେ ୯ ଥରରୁ ଅଧିକ ଏସ୍ଆଇଆର ହୋଇଛି, ଏଥର ଅସୁବିଧା କାହିଁକି ? ମୃତକ କ'ଣ ଭୋଟର ତାଲିକାରେ ରହିବା ଦରକାର କି ? ଦେଶ ଭିତରେ ଅନୁପ୍ରବେଶକାରୀ କଣ ଭୋଟର ହେବା ଉଚିତ କି ? ସିଜେପି ଆମ ଆଦମୀ ପାର୍ଟି ପାଇଁ ଛାୟା ଯୁଦ୍ଧ କରୁଛି। ଆପ୍ ଓ ଟିଏମସି ଭଳି ପରାଜିତ ଓ ନିରାଶ ନେତା ମାନେ ଗତ ତିନି-ଚାରି ଦିନ ହେବ ଦିଲ୍ଲୀବାସୀଙ୍କୁ ହଇରାଣ କରୁଛନ୍ତି ଏବଂ ରାଜପଥ ଆନ୍ଦୋଳନକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। କିନ୍ତୁ ଭାରତର ଜନସାଧାରଣ ସେମାନଙ୍କର ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଛନ୍ତି ବୋଲି ଶ୍ରୀ ପ୍ରସାଦ କହିଛନ୍ତି।

### ହିଂସା ରୋକିବା...

ନଜର ରଖିବାକୁ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକସ୍ଥଳେ ତୁରନ୍ତ ହସ୍ତକ୍ଷେପ କରି ହିଂସା ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

କଲେଜ ନିର୍ବାଚନ ସମୟରେ ସମ୍ବେଦନଶୀଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ପୋଲିସ ଫୋର୍ସ ମୁତୟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ନିର୍ବାଚନ ସମ୍ପର୍କିତ ଯେକୌଣସି ଉତ୍ତେଜନା କିମ୍ବା ବିବାଦକୁ ଗମ୍ଭୀରତାର ସହ ନେଇ ଆଇନ ଅନୁଯାୟୀ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ।

### ବିଶ୍ୱ ନିଷ୍ପତ୍ତିରେ...

ସହ ଜମ୍ମୁ-କଶ୍ମୀର ସମ୍ପର୍କରେ ମିଥ୍ୟା ଓ ଭ୍ରମାତ୍ମକ ତଥ୍ୟ ପ୍ରଚାର କରି ପାକିସ୍ତାନ ଜାତିସଂଘର ମଞ୍ଚର ଅପବ୍ୟବହାର କରୁଥିବା ଭାରତ ଅଭିଯୋଗ କରିଛି।

### ଯୁଦ୍ଧର ପରିବର୍ତ୍ତିତ ...

ଭେଟିଥିଲେ। ଏହି ସମରାଭ୍ୟାସର ସଫଳ ପରିଚାଳନା ପାଇଁ ସେ ଭାରତୀୟ ବାୟୁସେନା ଏବଂ ଏହା ସହିତ ଜଡ଼ିତ ସମସ୍ତ ଅନୁଷ୍ଠାନ ଏବଂ ସଂଗଠନକୁ ଅଭିନନ୍ଦନ ଜଣାଇଥିଲେ।

ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, ବହୁରାଷ୍ଟ୍ରୀୟ ସାମରିକ ସମରାଭ୍ୟାସ ବିଭିନ୍ନ ଦେଶର ବାୟୁସେନାକୁ ପରସ୍ପରର ଅଭିଜ୍ଞତା, କୌଶଳ ଏବଂ ରଣନୀତି ବୁଝିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ଏହା ପାରସ୍ପରିକ ବିଶ୍ୱାସକୁ ବୃଦ୍ଧି କରିଥାଏ ଏବଂ ପରିଚାଳନାଗତ ସମନ୍ୱୟକୁ ସୁଦୃଢ଼ କରିଥାଏ।

ସେ କହିଥିଲେ ଯେ, ଆଧୁନିକ ଯୁଦ୍ଧର ପ୍ରକୃତି ଦ୍ରୁତ ଗତିରେ ବଦଳୁଛି। ବର୍ତ୍ତମାନ ଯୁଦ୍ଧ କେବଳ ସ୍ଥଳ, ଜଳ ଏବଂ ବାୟୁ ମଧ୍ୟରେ ସୀମିତ ନାହିଁ, ବରଂ ମହାକାଶ, ସାଇବର ସ୍ପେସ୍, ବିଦ୍ୟୁତ୍ ଚୁମ୍ବକୀୟ ସ୍ପେକ୍ଟ୍ରମ ଏବଂ ସୂଚନା ସ୍ପେସ୍ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏ.ଆଇ.), ଇଲେକ୍ଟ୍ରୋନିକ୍ ୱାରଫେୟାର ସିଷ୍ଟମ ଏବଂ ଦୂରଗାମୀ ନିର୍ଭୁଲ ଷ୍ଟ୍ରାଇକ୍ ଅସ୍ତ୍ରଶସ୍ତ୍ର ଯୁଦ୍ଧର ପ୍ରକୃତି ଏବଂ ଗତିକୁ ବଦଳାଇ ଦେଇଛି।

ଭବିଷ୍ୟତରେ ସାମରିକ ଶକ୍ତି କେବଳ ଅସ୍ତ୍ରଶସ୍ତ୍ର ସଂଖ୍ୟା ଦ୍ୱାରା ଆକଳନ କରାଯିବ ନାହିଁ, ବରଂ ଶତ୍ରୁର ଗତିବିଧିକୁ ବୁଝିବା, ତ୍ୱରିତ ନିଷ୍ପତ୍ତି ନେବା ଏବଂ ସଠିକ୍ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ମଧ୍ୟ ନିର୍ଣ୍ଣାୟକ ହେବ ବୋଲି ଶ୍ରୀ ସିଂହ କହିଛନ୍ତି।

### ଋଷୀୟ ଆକ୍ରମଣରେ...

ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଋଷରୁ ଡିଜେଲ୍ କିଣିବା ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଚୁକ୍ତି ଘୋଷଣା କରିଛନ୍ତି।

### ନଦୀରେ ବୁଡ଼ି ...

ଦୁଇପୁଅ ଅହମ୍ମଦ, ସୟଦ ଓ ପଡ଼ୋଶୀ ଏମଡି ମଜୁମ୍‌ଙ୍କ ପୁଅ ମୁସ୍ତଫା ସାଙ୍ଗ ହୋଇ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ସମୟରେ ତିନିଜଣ ଗଭୀର ଜଳରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ନଦୀ ଭିତରକୁ ଡେଇଁ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ସୟଦଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ମୁସ୍ତଫାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ବଡ଼ଭାଇ ଅହମ୍ମଦ ଅନସାରୀଙ୍କ ମୃତଦେହ ମିଳିଥିଲା।

ସେହିପରି ଯାଜପୁର ଜିଲ୍ଲା ଜେନାପୁର ଥାନା ବାରକଣା ଗ୍ରାମର ଅନିଲ ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କ ଘରେ ଏ ସମ୍ପର୍କରେ ଜଣାଇବାରୁ ଗ୍ରାମବାସୀ ତୁରନ୍ତ ଖୋଜାଖୋଜି କରିଥିଲେ। ଚଢ଼େଇଧରା ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ଅପରାହ୍ଣ ସାଢ଼େ ୩ଟାରେ ଅନୀଲ କିଛି ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିଥିଲେ। ପରିବାର ଲୋକ ତାଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୯.୨୪ କୋଟି...

ବରିଷ୍ଠ ଲେଖାକାର ମଧ୍ୟ ଅଛନ୍ତି। ତିନି ଜଣଙ୍କୁ ଭିଜିଲାନ୍ସ ମାମଲାର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଜିଲ୍ଲା କୋଷାଗାର କାର୍ଯ୍ୟାଳୟର ବରିଷ୍ଠ ଲେଖାକାର କୃଷ୍ଣଚନ୍ଦ୍ର ବେହେରା, ପୁରୀ ଆରଆଣ୍ଡବି ଡିଭିଜନ୍‌ର ବରିଷ୍ଠ ସହାୟକ ବିଶ୍ୱନାଥ ଦାସ ଏବଂ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ୍-୧ ର ପିଅନ କୁମୁଦ ସାହୁ।

### ସୂର୍ଯ୍ୟରେ ବିସ୍ଫୋରଣ...

ମହାକାଶକୁ ନିର୍ଗତ ହୋଇଥାଏ। ଏହି ପଦାର୍ଥ ପୃଥିବୀ ନିକଟରେ ପହଞ୍ଚିଲେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିପାରେ। ଏହାକୁ ଜିଓମ୍ୟାଗ୍ନେଟିକ୍ ଝଡ଼ କୁହାଯାଏ।

# ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଛାତ୍ର ସଂସଦ ନିର୍ବାଚନ ପାଇଁ ଥିବା ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ଼ ବ୍ୟୋମକେଶ ରାୟ କହିଥିଲେ, ଛାତ୍ର ସଂସଦ ନିର୍ବାଚନକୁ ବିଜେପି ସପକ୍ଷରେ କରିବା ପାଇଁ ନିର୍ବାଚନ ନୀତି ନିୟମର ଧଜିଆ ଉଡ଼ାଇ ଦେଇଛନ୍ତି ରାଜ୍ୟ ସରକାର। କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହେବ, ସେନେଇ କାର୍ଯ୍ୟ କରୁଛି ବିଜେପି। ଲିଙ୍ଗଡୋ କମିଶନ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି। ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବାବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିଦେଇଛନ୍ତି। ନୟାଗଡ଼ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ।

**OFFICE OF THE MUNICIPAL COUNCIL, TALACHER**
**DIST :- ANUGOLA**
Phone No.- (06760) 240259
E-Mail ID : e.o.talcher@gmail.com
No. 3273 / Date. 08/10/2026
13001/2139/2627
**QUOTATION CALL NOTICE**
The Executive Officer, Talacher Municipality on behalf of Talacher, Dist- Anugola invites sealed quotations from the intending registered firms/ authorized dealers / distributors / suppliers and manufacturers for **"Supply of IEC Activities under SBM / NCAP and others"**. The prescribed quotation schedule can be obtained from the Cashier section of Talacher Municipality on payment of Rs. 500 /- (Rupees Five Hundred) only including GST (non-refundable) in shape of cash in favour of the Executive Officer, Talacher Municipality from date **09.10.2026** to date **22.10.2025** up to 5.00 PM during office hour except holidays.
The quotation paper along with all documents should reach the undersigned by Regd. Post /Speed Post/Courier service or by person on or before date **23.10.2026 up to 1.30 PM** and this office will in no way, be responsible for any delay in receipt of the quotation documents. The quotation will be **opened on the same date at 3.00 PM** in presence of the quotationer or their authorized representative if any. The quotation received beyond the schedule date and time will not be considered at all.
All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.
OIPR-13001/13077/1/26-27/0033
Executive Officer
Talacher Municipality

E-Mail: eerwdivisiondhenkanal@yahoo.co.in
25001/1281/2627
Government of Odisha
Office of the Superintending Engineer,
Rural Works Division, Dhenkanal.
e-procurement Notice No. 12 / Building Work / 2026-27.

| | | | |
|---|---|---|---|
| 1. | Name of the work | : | Building Work |
| 2. | Total No. of Works | : | 6 Nos |
| 3. | Estimated Cost | : | Rs.65.75 to 67.42 lakh (approx.) |
| 4. | Class Contractor | : | "B" Class |
| 5. | Period of Completion | : | 6 (six) Months |
| 6. | EMD Required | : | As mentioned in the Annexure at Column-04 |
| 7. | online for bidding | : | 12.10.2026 at 11.30 A.M to 26.10.2026 up to 5.00 P.M |
| 8. | Last Date & Time of seeking tender clarification | : | 26.10.2026 upto 2.00 PM |
| 9. | Date & Time of opening of tender (Technical& Financial Bid): | | 27.10.2026 Technical Bid at 11.00 A.M & Financial Bid to be announced |

Other Details can be seen from the website http://tendersorissa.gov.in.
OIPR-25001/25101/1/26-27/0012
Superintending Engineer
R.W.Division, Dhenkanal.

ଓଡ଼ିଶା ସୂଚନା ସେବା ସଂଘର ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ

# କ୍ୟାଡର ସୁଦୃଢ଼ୀକରଣ ଓ ବୃତ୍ତିଗତ ଉତ୍କର୍ଷତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୦/୧୦ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ସୂଚନା ସେବା ସଂଘ (ଓଆଇଏସଏ) ପକ୍ଷରୁ ଏହାର ବାର୍ଷିକ ଉତ୍ସବ-୨୦୨୬ ଶନିବାର ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଉପଖଣ୍ଡ, ଜିଲ୍ଲା, ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସମେତ ରାଜ୍ୟ ମୁଖ୍ୟାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ କାର୍ଯ୍ୟରତ ଓଡ଼ିଶା ସୂଚନା ସେବା ବର୍ଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ "ଡିଜିଟାଲ ଯୁଗରେ ଜନସମ୍ପର୍କ: ଲୋକସମ୍ପର୍କ ଅଧିକାରୀମାନଙ୍କ ପାଇଁ ବଦଳୁଥିବା ଦାୟିତ୍ୱ, ଆହ୍ୱାନ ଓ ସମ୍ଭାବନା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍ସବ ତଥା ଆଲୋଚନାଚକ୍ରରେ ନିଜ ନିଜର ମତ ରଖିଥିଲେ। ନିଜ ଅଭିଭାଷଣରେ ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ଓଆଇଏସ୍ ଅଧିକାରୀମାନଙ୍କର ବୃତ୍ତିଗତ ବିକାଶ ଓ ସାମୂହିକ ଉନ୍ନତି କ୍ଷେତ୍ରରେ ଓଡ଼ିଶା ସୂଚନା ସେବା ସଂଘର ଭୂମିକାକୁ ପ୍ରଶଂସା କରିଥିଲେ। ସୂଚନା ସେବା କ୍ଷେତ୍ରରେ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାର ସଫଳ ପ୍ରଚାର ପ୍ରସାରକୁ ଅଧିକ ପ୍ରଭାବଶାଳୀ କରିବା, ଡିଜିଟାଲ ମିଡିଆର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ସୂଚନା ସେବା କ୍ୟାଡରର ସୁଦୃଢ଼ୀକରଣ ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ପରିପ୍ରେକ୍ଷୀରେ ସେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଆନନ୍ଦ ପ୍ରଧାନ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରି ଡିଜିଟାଲ ଗଣମାଧ୍ୟମର କ୍ରମ ବର୍ଦ୍ଧିଷ୍ଣୁ ଗୁରୁତ୍ୱ, ସମୟୋପଯୋଗୀ ଓ ବିଶ୍ୱସନୀୟ ସୂଚନା ପ୍ରସାର, ଗଣମାଧ୍ୟମ ସହ ପ୍ରଭାବଶାଳୀ ସମନ୍ୱୟ ଏବଂ ଜନକୈନ୍ଦ୍ରିକ ଯୋଗାଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଡିଜିଟାଲ ଯୁଗରେ ଜନସମ୍ପର୍କ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ଏବଂ ଲୋକସମ୍ପର୍କ ଅଧିକାରୀମାନଙ୍କର ବର୍ଦ୍ଧିତ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ନୂତନ ପ୍ରଯୁକ୍ତିବିଦ୍ୟା ସହ ତାଳ ଦେଇ ଚାଲିବା, ଅପପ୍ରଚାର ଓ ଭ୍ରାନ୍ତ ସୂଚନାର ମୁକାବିଲା କରିବା, ବୃତ୍ତିଗତ ଦକ୍ଷତାର ନିରନ୍ତର ବିକାଶ ଏବଂ ନୂତନ




ଯୋଗାଯୋଗ କୌଶଳ ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗ ଅଧିକ ସୁଦୃଢ଼ ହେବା ସହ ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି ପାଇପାରିବ ବୋଲି ସେ ମତ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିରେ ଓଡ଼ିଶା ସୂଚନା ସେବା ସଂଘର ସଭାପତି ସୁଚେତା ପ୍ରିୟଦର୍ଶିନୀ, ସାଧାରଣ ସମ୍ପାଦକ ପଠାଣି ରାଉତ, ସଂଘର ବରିଷ୍ଠ ଉପଦେଷ୍ଟା ତଥା ବିଭାଗୀୟ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସଂଘର ଉପ ସଭାପତି ବିଭୂତି ଭୂଷଣ ନାୟକ, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ଉତ୍ସବରେ ବିଭାଗର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେମାନେ ନିଜ ନିଜର ଦୀର୍ଘ କର୍ମମୟ ଜୀବନର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିବା ସହ କାର୍ଯ୍ୟରତ ଅଧିକାରୀମାନଙ୍କୁ ପ୍ରେରଣା ଓ ପରାମର୍ଶ ଦେଇଥିଲେ। ଏଥିସହ ଜନସେବା ପ୍ରତି ବୃତ୍ତିଗତ ନିଷ୍ଠା, ଦାୟିତ୍ୱବୋଧ ଓ ସମର୍ପଣର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। ଉତ୍ସବ ପରେ ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ କ୍ୟାଡର ସୁଦୃଢ଼ୀକରଣ, ଅଧିକାରୀମାନଙ୍କର ବୃତ୍ତିଗତ ବିକାଶ, ପଦୋନ୍ନତି, ଦକ୍ଷତା ବିକାଶ ଏବଂ ଅଧିକାରୀମାନଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ ଆଦି ପ୍ରସଙ୍ଗରେ ବିଭାଗ ସହ ନିରନ୍ତର ଆଲୋଚନା ଓ ଅନୁସରଣ କରିବାକୁ ଆଲୋଚନା କରାଯାଇଥିଲା। ଏହାଦ୍ୱାରା ଅଧିକାରୀମାନଙ୍କର ବୃତ୍ତିଗତ ଉତ୍କର୍ଷତା, କ୍ୟାରିୟରରେ ଅଗ୍ରଗତି ଏବଂ ଜନସେବା ପ୍ରଦାନର ଗୁଣାତ୍ମକ ଉନ୍ନତି ସୁନିଶ୍ଚିତ କରାଯାଇପାରିବ ବୋଲି ସଂଘର ସଦସ୍ୟ ସଦସ୍ୟା ତଥା କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ସୂଚନା ଅଧିକାରୀମାନଙ୍କ ନିମନ୍ତେ ଆୟୋଜିତ "ସାମାଜିକ ଗଣମାଧ୍ୟମରେ ଉଦୀୟମାନ ଧାରା" ଶୀର୍ଷକ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଓଆଇଏସଏର ସ୍ମରଣିକା "ଲୋକ ସମ୍ପର୍କ" ଉନ୍ମୋଚନ କରିଥିବାରୁ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ମଧ୍ୟରେ ହାସ୍ୟ ରସାତ୍ମକ ଓ ବ୍ୟଙ୍ଗାତ୍ମକ କବିତା ଆବୃତ୍ତି ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ଅଧିକାରୀମାନଙ୍କୁ ନିଜର ସାହିତ୍ୟିକ ଓ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିଲା। ଏହି ପରିବେଷଣଗୁଡ଼ିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ସହ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଓଆଇଏସ୍ ଅଧିକାରୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ, ସହଯୋଗ ଓ ଭାଇଚାରାର ଭାବନାକୁ ଅଧିକ ମଜବୁତ କରିଛି। କାର୍ଯ୍ୟକ୍ରମରେ ଓଡ଼ିଶା ସୂଚନା ସେବା ବର୍ଗରେ ରାଜ୍ୟ ସରକାରଙ୍କ ସୂଚନା ଲୋକ ସଂପର୍କ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରୁଥିବା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ, ଲୋକ ସଂପର୍କ ଅଧିକାରୀ ତଥା ସୂଚନା ଅଧିକାରୀ ଭାବେ କାର୍ଯ୍ୟକରୁଥିବା ଓଆଇଏସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡିଜିଟାଲ୍ ଦକ୍ଷତା ବିକାଶ ମାଧ୍ୟମରେ ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଏଏମ୍/ଏନ୍ଏସ୍ ଇଣ୍ଡିଆ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପ୍ରମୁଖ ସିଏସଆର୍ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ଦକ୍ଷ' ଅଧୀନରେ ପାରାଦୀପ, କେନ୍ଦୁଝର ଏବଂ ବଡ଼ବିଲସ୍ଥିତ ଡିଜିଟାଲ୍ ସ୍କିଲ୍ ସେଣ୍ଟରଗୁଡ଼ିକରେ ନୂତନ ପ୍ରଶିକ୍ଷଣ ବ୍ୟାଚ୍ ଆରମ୍ଭ କରିଛି। ସ୍ଥାନୀୟ ଯୁବପିଢ଼ିଙ୍କୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ସାକ୍ଷରତା ତଥା ବୃତ୍ତିଗତ ଦକ୍ଷତା ପ୍ରଦାନ କରି ଦକ୍ଷତା ବ୍ୟବଧାନକୁ ଦୂର କରିବା ହେଉଛି ନାସକମ୍ ଫାଉଣ୍ଡେସନ୍ ସହଯୋଗରେ ପ୍ରତିଷ୍ଠିତ ଏହି ଡିଜିଟାଲ୍ ସ୍କିଲ୍ ସେଣ୍ଟରଗୁଡ଼ିକର ଲକ୍ଷ୍ୟ। ଏହି କେନ୍ଦ୍ରଗୁଡ଼ିକର ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବକଯୁବତୀମାନଙ୍କୁ ବିଜନେସ୍ ପ୍ରୋସେସ୍ ମ୍ୟାନେଜମେଣ୍ଟ ଭୂମିକା ଯଥା ଡାଟା ଏଣ୍ଟ୍ରି ଅପରେଟର ଏବଂ ଡୋମେଷ୍ଟିକ୍ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଦକ୍ଷତା ପ୍ରଦାନ କରିବା, ଯାହା ସେମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବ ଏବଂ ସମଗ୍ର ଅଞ୍ଚଳରେ ଉଜ୍ଜ୍ୱଳ କ୍ୟାରିୟର ସୁଯୋଗର ଦ୍ୱାର ଖୋଲିବ। ୨୦୦ ରୁ ୨୨୫ ଘଣ୍ଟାର ଏହି ପାଠ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ନିର୍ଦ୍ଦିଷ୍ଟ ବିଷୟଭିତ୍ତିକ ଏବଂ ସଫ୍ଟ ସ୍କିଲ୍ସ ତାଲିମ ପାଇବା ସହିତ ପ୍ରକୃତ କାର୍ଯ୍ୟକ୍ଷେତ୍ରର ଅନୁଭୂତି ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ (ମେଣ୍ଟରସିପ୍) ଲାଭ କରିବେ। ଏହି ପଦକ୍ଷେପ ଲିଙ୍ଗଗତ ସମାନତା ତଥା ଅନ୍ତର୍ଭୁକ୍ତିକରଣକୁ ମଧ୍ୟ ପ୍ରୋତ୍ସାହିତ କରୁଛି, ଯେଉଁଥିରେ ନାମ ଲେଖାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୬୦% ମହିଳା ଅଟନ୍ତି। ଏହି ପ୍ରକଳ୍ପ ଦ୍ୱାରା ପ୍ରତିବର୍ଷ ଓଡ଼ିଶାର ସମସ୍ତ କେନ୍ଦ୍ରରେ ମୋଟ ୬୦୦ ଯୁବକଯୁବତୀ ଉପକୃତ ହେବେ। ନୂତନ ପ୍ରଶିକ୍ଷଣ ବ୍ୟାଚ୍‌ଗୁଡ଼ିକର ଶୁଭାରମ୍ଭ ଅବସରରେ, ସ୍ଥାନୀୟ ଅଂଚଳର ପ୍ରତିନିଧି, ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଏବଂ ନାସକମ୍ ଫାଉଣ୍ଡେସନ୍‌ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ତିନୋଟି ଯାକ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାରାଦ୍ୱୀପରେ, ଭୂତମୁଣ୍ଡାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପିପଳ ଗ୍ରାମରେ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ପ୍ଲାଣ୍ଟ ହେଡ୍ ଭବେଶ ଝା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ଏବଂ ପାରାଦ୍ୱୀପଗଡ଼ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ, ସ୍ଥାନୀୟ ସମୁଦାୟର ପ୍ରତିନିଧି ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି, କେନ୍ଦୁଝରରେ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଦାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା ଏବଂ ଟେଲିଂ ଷ୍ଟୋରେଜ୍ ଫାସିଲିଟିର ମୁଖ୍ୟ ଅଜିତ ସିଂହଙ୍କ ସମେତ ତାଲିମପ୍ରାପ୍ତ ଶିକ୍ଷାର୍ଥୀ ଓ ସ୍ଥାନୀୟ ଗ୍ରାମବାସୀ, ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଯୋଗ ଦେଇଥିଲେ। ବଡ଼ବିଲରେ ଅନୁଷ୍ଠିତ ନୂତନ ତାଲିମ ବ୍ୟାଚ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ମଧ୍ୟରେ ଠାକୁରାଣୀ ଖଣିର ମ୍ୟାନେଜର ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ମୁଖ୍ୟ ଉଦୟ ବର୍ମା ଏବଂ ଠାକୁରାଣୀ ଖଣିର କଲ୍ୟାଣ ଅଧିକାରୀ (ୱେଲଫେୟାର ଅଫିସର) ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ନାସକମ୍ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ତିଳକ ଦ୍ୱିବେଦୀ ତିନୋଟି ଯାକ କେନ୍ଦ୍ରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. MCSW-Deep-Clean-26-27-16
କାର୍ଯ୍ୟର ନାମ : 18 (ଅଠର) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳବାଇ BG କୋଚ୍‌ଗୁଡ଼ିକର ଗହନ ସଫେଇ (Deep Cleaning)।
ବିଜ୍ଞାପିତ ମୂଲ୍ୟ : ₹ 44,99,149.00, EMD : ₹ 90,000/-, ଶେଷ ହେବା ଅବଧି : 18 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.10.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2026ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), CRW/ମଞ୍ଚେଶ୍ୱର
PR-489/R/26-27

ଭୁବନେଶ୍ୱର, ୧୧ ଅକ୍ଟୋବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଶକ୍ତିପୀଠରେ ମାଆଙ୍କ ଷୋଡ଼ଶ ଉପଚାର ପୂଜା

# ଅନ୍ନପୂର୍ଣ୍ଣା ବେଶରେ ଦର୍ଶନ ଦେଲେ ମାଆ ଗଡ଼ଚଣ୍ଡୀ



**କଟକ, ୧୦/୧୦**
**ନ୍ୟୁଜ ବ୍ୟୁରୋ**

ଶକ୍ତି ପୀଠରେ ଚାଲିଛି ମାଁ ଙ୍କ ଷୋଡ଼ଷ ଉପଚାର ପୂଜା । ଆଜି ଷୋଡ଼ଷ ଉପଚାର ପୂଜା ର ଅଷ୍ଟମ ଦିନ ରହିଛି । ଶନିବାର ମାଁ ଗଡଚଣ୍ଡୀ ଅନ୍ନପୂର୍ଣ୍ଣା ବେଶ୍‌ରେ ଭକ୍ତ ମାନଙ୍କୁ ଦର୍ଶନ ଦେଉଛନ୍ତି । ସକାଳ ମଙ୍ଗଳା ଆଳତି ଶେଷ ହେବା ପରେ ମାଁ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି । ମାଁ ଙ୍କ ଏହି ବେଶ ଦର୍ଶନ ପାଇଁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଛି । ରବିବାର ପାଖରୁ ଶକ୍ତିପୀଠରେ ଆରମ୍ଭ ହେବ ନବରାତ୍ରୀ ପୂଜା ।



ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ ବିନ୍ଦୁସାଗର କୂଳରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରିବା ଅବସରରେ । (ଫଟୋ : ସମ୍ବାଦ କଳିକା)

## ମା' ସମଲେଶ୍ୱରୀ ମନ୍ଦିର ଓ ହୀରାକୁଦ ଡ୍ୟାମ୍ ପରିଦର୍ଶନ କଲେ ରାଜ୍ୟପାଳ



**ସମ୍ବଲପୁର, ୧୦/୧୦**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟୀ ଶନିବାର ମହାଳୟା ଅବସରରେ ପତ୍ନୀ ଜୟଶ୍ରୀ କମ୍ଭମପାଟୀଙ୍କ ସହ ସମ୍ବଲପୁରର ଆରାଧ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମା'ଙ୍କ ଦର୍ଶନ କରିବା ସହ ରାଜ୍ୟବାସୀଙ୍କ ସମୃଦ୍ଧି ଓ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ମହାଳୟା ଅବସରରେ ମା' ସମଲେଶ୍ୱରୀଙ୍କୁ ପବିତ୍ର ଧବଳମୁଖୀ ବେଶରେ ସଜ୍ଜିତ କରାଯାଇଥାଏ। ଏହି ବିଶେଷ ବେଶ ଦର୍ଶନ ପାଇଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହି ମନ୍ଦିର ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଆଧ୍ୟାତ୍ମିକ ପୀଠ ଭାବେ ପରିଚିତ। ଏହା ପୂର୍ବରୁ ରାଜ୍ୟପାଳ ହୀରାକୁଦ ଡ୍ୟାମ୍ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମହାନଦୀ ଉପରେ ନିର୍ମିତ ବିଶାଳ ହୀରାକୁଦ ବନ୍ଧ ଏବଂ ଏହାର ବିସ୍ତୃତ ଜଳଭଣ୍ଡାରକୁ ଦେଖିଥିଲେ।

## ଜମି ଅଧିକାର ସାର୍ଟିଫିକେଟ୍ ମାମଲା

# 'ସରକାରୀ ସୁବିଧା ମନୋମୁଖୀ ପ୍ରତ୍ୟାହାର କରାଯାଇ ପାରିବ ନାହିଁ'

**କଟକ,୧୦/୧୦**
**ନ୍ୟୁଜବ୍ୟୁରୋ**

ଜଣେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଯେତେବେଳେ ଜଣେ ବ୍ୟକ୍ତିଙ୍କୁ କୌଣସି ସରକାରୀ ସୁବିଧା ପ୍ରଦାନ କରାଯାଇଥାଏ ଉକ୍ତ ସୁବିଧାକୁ କେହି ମନମୁଖୀ ଭାବେ ପ୍ରତ୍ୟାହାର କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏପରିକି ପ୍ରତିପକ୍ଷଙ୍କୁ ପକ୍ଷ ରଖିବାର ସୁଯୋଗ ବିନା ଯଦି ଏଭଳି କିଛି ପଦକ୍ଷେପ ନିଆଯାଇଥାଏ ତାହା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ । ଏହି ପରିପେକ୍ଷୀରେ ହାଇକୋର୍ଟ ଆବେଦନକାରୀମାନଙ୍କ ଏଲ୍‌ଆରସି (ଲ୍ୟାଣ୍ଡ ରାଇଟ୍ସ ସାର୍ଟିଫିକେଟ୍) ରଦ୍ଧ ଆଦେଶ ଉପରେ ବିଭାଗୀୟ କର୍ତ୍ତୃପକ୍ଷ ପୁନର୍ବିଚାର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ୧୫ଦିନ ମଧ୍ୟରେ ବିଭାଗୀୟ ଅଧିକାରୀ ଏହା ଉପରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ପ୍ରକାଶ ଚନ୍ଦ୍ର କୁଅଁର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଆଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀମାନଙ୍କୁ ଢେଙ୍କାନାଳ ମ୍ୟୁନିସିପାଲଟିରେ ଭୂମିହୀନ ତଥା ବସ୍ତିବାସିନ୍ଦା ହିସାବରେ ଜମି ବା ଏହି ଏଲ୍‌ଆରସି ଯୋଗାଇ ଦିଆଯାଇଥିଲା। କିନ୍ତୁ ଆବେଦନକାରୀମାନେ ଏହି ଏଲ୍‌ଆରସି ପାଇବାକୁ ଯୋଗ୍ୟ ନୁହେଁ ଦର୍ଶାଇ ପରବର୍ତ୍ତୀ ସମୟରେ ଏହାକୁ ବାତିଲ୍ କରି ଦିଆଯାଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ୟତମ ଆବେଦନକାରୀ ପ୍ରକାଶ ଚନ୍ଦ୍ର କୁଅଁର ୨୦୨୨ରୁ ଢେଙ୍କାନାଳ ମ୍ୟୁନିସିପାଲଟିର ଉପାଧ୍ୟକ୍ଷ ଅଛନ୍ତି । ଆବେଦନକାରୀମାନଙ୍କର ଢେଙ୍କାନାଳ ମ୍ୟୁନିସିପାଲଟି ଅଞ୍ଚଳରେ ଅନେକ ଜମି ରହିଛି । ଏହି ଆଧାରରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦିଆଯାଇଥିବା ଏଲ୍‌ଆରସିକୁ ବାତିଲ୍ କରି ଦିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ଆବେଦନକାରୀମାନଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା କି, ସେମାନଙ୍କୁ କୌଣସି ପ୍ରକାର ପକ୍ଷ ରଖିବାର ସୁଯୋଗ ଦିଆନଯାଇ ଏଲ୍‌ସିଆରକୁ ବାତିଲ୍ କରି ଦିଆଯାଇଛି । ଏଭଳି ନିଷ୍ପତ୍ତି ବେଆଇନ ଦର୍ଶାଇ ସେମାନଙ୍କ ନାମରେ ପୁନର୍ବାର ଜମି କରିବାକୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ କହିଛନ୍ତି ଯେ, ସରକାରୀ ଭାବେ ଆବେଦନକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି । ତେଣୁ ଏଭଳି ଖାମଖିଆଲ ବା ମନମୁଖି ଢଙ୍ଗରେ ସରକାରୀ ସୁବିଧାକୁ କାହାରିଠାରୁ ପ୍ରତ୍ୟାହାର କରାଯାଇ ପାରିବ ନହିଁ । ତେଣୁ ପ୍ରଶାସନ ପୁନର୍ବାର ଆବେଦନକାରୀଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେଇ ଆଇନ ଅନୁଯାୟୀ ନିଷ୍ପତ୍ତି ନେବ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ।

## ପୋଖରୀ ଓ ନଦୀରେ ବୁଡ଼ି ୨ ନାବାଳକ ମୃତ

**ରାଇଘର/ଧର୍ମଶାଳା୧୦/୧୦ ନ୍ୟୁଜ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ବାଘବେଡା ଗ୍ରାମର ଡିସେମ୍ବର ମାଝୀଙ୍କ ପୁଅ ଚନ୍ଦ୍ରମଣି ମାଝୀ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ଚନ୍ଦ୍ରମଣି(୧୧) ଘର ପାଖ ପଡିଆରେ ବଲ୍ ଖେଳୁଥିଲା ଏହି ସମୟରେ ବଲ୍‌ଟି ପଡିଆକୁ ଲାଗିଥିବା ପୋଖରୀକୁ ଗଡିଯାଇଥିଲା । ବଲ୍‌କୁ ଆଣିବାପାଇଁ ପାଣିଭିତରେ ପଶିବା ବେଳେ ଗୋଡ଼ ଖସିଯିବାରୁ ଏପରି ଘଟଣା ଘଟିଥିବା ପୋଲିସ ପ୍ରକାଶ କରିଛି । ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ୭୪/୨୬ରେ କେଶ୍ ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରିଛି ।

ସେହିପରି ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ଏକ ଅଘଟଣରେ ରାଇଛନ୍ଦା ପଞ୍ଚାୟତର ବରକଣା ଗ୍ରାମର ନାବାଳକ ୭ମ ଶ୍ରେଣୀର ଛାତ୍ର ଅନିଲ ସାହୁ (୧୨)ର ମୃତ୍ୟୁ ଘଟିଛି। ଶନିବାର ସକାଳ ସମୟରେ ଅନିଲ ସାଙ୍ଗଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲା । ସେଠାରେ ଗଭୀର ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲା। ଅଗ୍ନିଶ୍ରମ କର୍ମଚାରୀମାନେ ଖୋଜାଖୋଜି କରିବାର ୪ଘଣ୍ଟା ପରେ ଅନିଲକୁ ମୃତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ତା' ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



## ଛାତ୍ର ସଂସଦ ନିର୍ବାଚନ : ୩୪୭ କଲେଜରେ ୬୩୬୨ ପ୍ରାର୍ଥୀ

# ୧୩ ବିଶ୍ୱବିଦ୍ୟାଳୟରେ ୨୮୭ ପ୍ରାର୍ଥୀ

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ ବ୍ୟୁରୋ**

ଦୀର୍ଘ ୮ବର୍ଷ ପରେ ରାଜ୍ୟରେ ଅନୁଷ୍ଠିତ ହେଉଛି କଲେଜରେ ଛାତ୍ର ସଂସଦ ନିର୍ବାଚନ। ଏହି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ମୋଟ ୬୩୬୨ ପ୍ରାର୍ଥୀ। ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ୨୮୭ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାର୍ଥୀଙ୍କ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୩୪୭ଟି କଲେଜରେ ନିର୍ବାଚନ ଅନୁଷ୍ଠିତ ହେଉଛି। ୮୩୭୦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୧୧୯୬ ପ୍ରାର୍ଥୀ ନାମାଙ୍କନ ନାକଚ ହୋଇଥିଲା। ୭୧୭୪ ପ୍ରାର୍ଥୀପତ୍ର କାଏମ ରହିଥିଲା। ୪୦୫ ପ୍ରାର୍ଥି ନାମଙ୍କନ ପ୍ରତ୍ୟାହର କରିଥିଲେ। ଫଳରେ ୬୩୬୨ ପ୍ରାର୍ଥୀ ନିର୍ବାଚନରେ ଲଢେଇ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରାର୍ଥମାନେ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ଲଢେଇ କରିବେ। ସେହିପରି ରାଜ୍ୟରେ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଛି। ଏଥିରେ ମୋଟ ୪୨୯ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ୪୯ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିଲା। ୩୮୦ ପ୍ରାର୍ଥୀପତ୍ର କାଏମ ରହିଥିଲା। ୩୪ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଥିଲେ। ୨୮୭ ଜଣ ପ୍ରାର୍ଥୀ ବର୍ତ୍ତମାନ ନିର୍ବାଚନ ମଇଦାନରେ ରହିଛନ୍ତି। ପ୍ରାର୍ଥୀ ତାଲିକା ପ୍ରକାଶ ପରେ କଲେଜରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ଆହୁରି ଜୋରଦାର ହେବ।

## କଲେଜ ନିର୍ବାଚନକୁ ନେଇ ହିଂସା : ଯୁବକଙ୍କୁ ଛୁରାମାଡ଼

**ଉମରକୋଟ,୧୦/୧୦**
**ନ୍ୟୁଜ ବ୍ୟୁରୋ**

ଉମରକୋଟରେ କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା! ଦୁଇ ଗୋଷ୍ଠୀର ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଜଣେ ଯୁବକଙ୍କୁ ଛୁରାମାଡ଼ ଅଭିଯୋଗ। ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି ଦୀପକମଲ ମହାପାତ୍ର। ପ୍ରଥମେ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଘଟଣାକୁ ନେଇ ସହରରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସର ତଦନ୍ତ ଜାରି ରହିଛି। ଉମରକୋଟ ସହରର ଦୃଶ୍ୟ, କଲେଜ ପରିସର, ରାସ୍ତାଘାଟ। କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉମରକୋଟରେ ଉତ୍ତେଜନା। ଦୁଇ ଗୋଷ୍ଠୀର ଅଣଛାତ୍ରଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ମାରପିଟ୍। ଏହା ପରେ ଜଣେ ଯୁବକଙ୍କୁ ଛୁରା ଓ ଭୁଜାଲିରେ ଆକ୍ରମଣ ହୋଇଥିବା ଅଭିଯୋଗ। ସୂଚନା ଅନୁଯାୟୀ, ଗତକାଲି କଲେଜ ନିର୍ବାଚନ ଚାଲିଥିବା ସମୟରେ କ୍ୟାମ୍ପସ ବାହାରେ ଦୁଇ ଗୋଷ୍ଠୀର ଅଣଛାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ପରିସ୍ଥିତି ଶାନ୍ତ ହୋଇଥିଲେ ମଧ୍ୟ ଶନିବାର ସକାଳେ ପୁଣି ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗ ଅନୁସାରେ, ଡିଏନକେ ଅଞ୍ଚଳରେ ଅଭିଷେକ ପଣ୍ଡା ନାମକ ଜଣେ ଯୁବକଙ୍କୁ ଅନ୍ୟ ଗୋଷ୍ଠୀର କିଛି ଯୁବକ ଆକ୍ରମଣ କରିଥିଲେ। ଏହାକୁ ନେଇ ଦୀପକମଲ ମହାପାତ୍ରଙ୍କ ଗୋଷ୍ଠୀ ପକ୍ଷରୁ ଡିଏନକେସ୍ଥିତ ତ୍ରିନାଥ ମନ୍ଦିର ନିକଟରେ ଆଲୋଚନା ଚାଲିଥିବା ବେଳେ ପ୍ରାୟ ୩୦ରୁ ୪୦ ଜଣ ଯୁବକ ସେଠାରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।




### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୦/୧୦/୨୦୨୬
4,66,322/- ଟଙ୍କା
ସୁନା:- ୦୭ ଗ୍ରାମ୍ ୫୦୦ ମିଲିଗ୍ରାମ୍
ରୂପା:- ୨୬୬ଗ୍ରାମ୍୫୦୦ ମିଲିଗ୍ରାମ୍

## ଏସସିବିରେ ଟିକେଟ୍ ପାଇଁ ଭୋର ୪ଟାରୁ ଧାଡ଼ି !

# ଅନଲାଇନ୍ ସୁବିଧା ସତ୍ତ୍ୱେ ରୋଗୀଙ୍କ ଦୁର୍ଦ୍ଦଶା : ସଚେତନତା ଉପରେ ପ୍ରଶ୍ନବାଚୀ




**କଟକ, ୧୦/୧୦ ନ୍ୟୁଜ ବ୍ୟୁରୋ**

ରୋଗୀଙ୍କୁ ଚିକିତ୍ସା ସେବା ସହଜରେ ଯୋଗାଇଦେବା ଏବଂ ଟିକେଟ୍ ପାଇଁ ଲମ୍ବା ଧାଡ଼ିରୁ ମୁକ୍ତି ଦେବା ଲକ୍ଷ୍ୟରେ ଅନଲାଇନ୍ ଟିକେଟ୍ ବ୍ୟବସ୍ଥା ରହିଛି। ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଇ-ସ୍ୱାସ୍ଥ୍ୟ ପୋର୍ଟାଲ ମଧ୍ୟ ଉପଲବ୍ଧ କରାଯାଇଛି। ତଥାପି କଟକ ଏସସିବି ମେଡିକାଲରେ ଟିକେଟ୍ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। କେହି ସକାଳ ୬ଟାରୁ ଧାଡ଼ିରେ ରହୁଥିବା ବେଳେ କିଛି ବିଭାଗରେ ଲୋକେ ଭୋର ୪ଟାରୁ ଆସି ଟିକେଟ୍ ପାଇଁ ଅପେକ୍ଷା କରୁଥିବା ଦୃଶ୍ୟ ଚିନ୍ତାର ବିଷୟ ପାଲଟିଛି। ଧାଡ଼ିରେ ନିଜର ସ୍ଥାନ ବଜାୟ ରଖିବା ପାଇଁ କେହି ଇଟା ଓ ପଥର ରଖୁଛନ୍ତି, କେହି ପାଣି ବୋତଲ ରଖୁଛନ୍ତି ତ ଆଉ କେହି ଜରି ପକାଇ ସ୍ଥାନ ଚିହ୍ନଟ କରୁଛନ୍ତି। ରୋଗୀଙ୍କ ଟିକେଟ୍ ପାଇବା ପାଇଁ ଏଭଳି ଭାବେ ଆଗୁଆ ସ୍ଥାନ ରଖିବାର ଦୃଶ୍ୟ ହସ୍ପିଟାଲରେ ଧାଡ଼ି ପରିଚାଳନା ଓ ରୋଗୀଙ୍କ ସୁବିଧାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ, ବୟସ୍କ ବ୍ୟକ୍ତି ଏବଂ ଅସୁସ୍ଥ ଲୋକଙ୍କୁ ଏତେ ସମୟ ଧରି ଅପେକ୍ଷା କରିବାକୁ ପଡ଼ିବା ନିଶ୍ଚିତ ଭାବେ ଏକ ବଡ଼ ଅସୁବିଧା। ଏଠାରେ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ପରିହାସ କରିବା ଆମର ଉଦ୍ଦେଶ୍ୟ ନୁହେଁ। ବରଂ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କୁ କିପରି ଅନାବଶ୍ୟକ ଭିଡ଼ ଓ ଦୀର୍ଘ ସମୟର ଅପେକ୍ଷାରୁ ମୁକ୍ତି ମିଳିବ, ତାହା ହିଁ ମୁଖ୍ୟ ପ୍ରଶ୍ନ। ମେଡିକାଲ ପରିସରର ବିଭିନ୍ନ ସ୍ଥାନରେ ଅନଲାଇନ୍ ଟିକେଟ୍ ସମ୍ପର୍କିତ ସୂଚନା ଥିବା ପୋଷ୍ଟର ଲଗାଯାଇଥିବା ସତ୍ତ୍ୱେ ଲୋକେ କାହିଁକି ଭୋରରୁ ଆସି ଧାଡ଼ିରେ ରହୁଛନ୍ତି ? ଏହାର କାରଣ ଜାଣିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସାମ୍ନାକୁ ଆସୁଛି।

ପ୍ରଥମତଃ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅନଲାଇନ୍ ଟିକେଟ୍ ବ୍ୟବସ୍ଥା ବିଷୟରେ ପ୍ରକୃତରେ ଅବଗତ ଅଛନ୍ତି କି ?

ଦ୍ୱିତୀୟତଃ, ଏସସିବି ମେଡିକାଲ କର୍ତ୍ତୃପକ୍ଷ ଅନଲାଇନ୍ ଟିକେଟ୍ ବିଷୟରେ ରୋଗୀ ଓ ସାଧାରଣ ଲୋକଙ୍କୁ ସଠିକ୍ ଭାବରେ ସଚେତନ କରିଛନ୍ତି କି ?

ତୃତୀୟତଃ, ମେଡିକାଲର ବିଭିନ୍ନ ସ୍ଥାନରେ ସୂଚନା ପୋଷ୍ଟର ଲଗାଯାଇଥିଲେ ମଧ୍ୟ ଅନେକ ଲୋକ ଅନଲାଇନ୍ ଟିକେଟ୍ ବଦଳରେ କାଉଣ୍ଟର ସମ୍ମୁଖରେ ଧାଡ଼ିରେ ରହିବାକୁ କାହିଁକି ବାଧ୍ୟ ହେଉଛନ୍ତି ?

ଚତୁର୍ଥତଃ, ଅନଲାଇନ୍ ଟିକେଟ୍ କରିବା ଜାଣିନଥିବା ବୟସ୍କ, ଅଶିକ୍ଷିତ ଓ ଡିଜିଟାଲ୍ ବ୍ୟବସ୍ଥା ସହ ପରିଚିତ ନଥିବା ରୋଗୀଙ୍କୁ ସହଯୋଗ କରିବା ପାଇଁ ମେଡିକାଲରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି କି ?

ପଞ୍ଚମତଃ, ଟିକେଟ୍ ପାଇଁ ଧାଡ଼ି ପରିଚାଳନାକୁ ଅଧିକ ସୁବ୍ୟବସ୍ଥିତ କରିବା ସହ ରୋଗୀଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାରୁ ମୁକ୍ତି ଦେବା ପାଇଁ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି ? ଅନେକ ରୋଗୀ ଅନଲାଇନ୍ ଟିକେଟ୍ ବ୍ୟବସ୍ଥା ବିଷୟରେ ଜାଣିନଥାଇପାରନ୍ତି। ଆଉ କେତେକ ଲୋକ ମୋବାଇଲ୍‌ରେ ଅନଲାଇନ୍ ଟିକେଟ୍ କିପରି କରିବେ, ତାହା ଜାଣିନଥାଇପାରନ୍ତି। ବୟସ୍କ ଓ ଡିଜିଟାଲ୍ ବ୍ୟବସ୍ଥା ସହ ପରିଚିତ ନଥିବା ରୋଗୀଙ୍କ ପାଇଁ ଏହା ଅଧିକ କଷ୍ଟକର ହୋଇପାରେ। ତେଣୁ କେବଳ ପୋଷ୍ଟର ଲଗାଇଦେବା ଯଥେଷ୍ଟ ନୁହେଁ; ରୋଗୀଙ୍କୁ ଏହି ସୁବିଧା କିପରି ବ୍ୟବହାର କରିବାକୁ ହେବ, ସେ ବିଷୟରେ ସରଳ ଭାବରେ ବୁଝାଇବା ମଧ୍ୟ ଜରୁରୀ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସଚେତନତା ପାଇଁ ଓଡ଼ିଶା ସରକାରଙ୍କ eSwasthya ପୋର୍ଟାଲର ଠିକଣା ହେଉଛି https://eswasthya.odisha.gov.in ଏହି ପୋର୍ଟାଲରେ ଅନଲାଇନ୍ ପଞ୍ଜୀକରଣ କରିବା ସହ ହସ୍ପିଟାଲ, ବିଭାଗ ଓ ଆପଏଣ୍ଟମେଣ୍ଟ ତାରିଖ ଚୟନ କରିବାର ସୁବିଧା ରହିଛି। ନୂଆ ରୋଗୀଙ୍କ ପାଇଁ ନୂଆ ପଞ୍ଜୀକରଣ ଏବଂ ପୂର୍ବରୁ ପଞ୍ଜୀକୃତ ରୋଗୀଙ୍କ ପାଇଁ ଉପଯୁକ୍ତ ବିକଳ୍ପ ରହିଛି। ଅନଲାଇନ୍ ଟିକେଟ୍ କରିବା ପୂର୍ବରୁ ନିଜର ଆବଶ୍ୟକ ତଥ୍ୟ ଓ ମୋବାଇଲ୍ ନମ୍ବର ପ୍ରସ୍ତୁତ ରଖିବା ଉଚିତ। ପଞ୍ଜୀକରଣ ପରେ ମିଳୁଥିବା ଆପଏଣ୍ଟମେଣ୍ଟ ସ୍ଲିପ୍‌କୁ ସଂରକ୍ଷିତ ରଖିବା ଏବଂ ପୋର୍ଟାଲରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ହସ୍ପିଟାଲକୁ ଯିବା ଆବଶ୍ୟକ। ଅନଲାଇନ୍ ପଞ୍ଜୀକରଣ କଲେ ମଧ୍ୟ ନିର୍ଦ୍ଧାରିତ ବିଭାଗରେ ଯାଞ୍ଚ ବା ଅନ୍ୟାନ୍ୟ ଔପଚାରିକତା ଆବଶ୍ୟକ ହୋଇପାରେ। ତେବେ ଅନଲାଇନ୍ ବ୍ୟବସ୍ଥା ବିଷୟରେ ଅଜ୍ଞ ଥିବା ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ମେଡିକାଲ ପରିସରରେ ଏକ ସହାୟତା କେନ୍ଦ୍ର, ସ୍ପଷ୍ଟ ସୂଚନା ଫଳକ ଏବଂ ରୋଗୀଙ୍କୁ ଟିକେଟ୍ ପ୍ରକ୍ରିୟା ବୁଝାଇବା ପାଇଁ କର୍ମଚାରୀ ନିୟୋଜିତ କରାଯାଇପାରେ। ଏହା ସହିତ ଅନଲାଇନ୍ ଟିକେଟ୍ ଥିବା ରୋଗୀ ଓ କାଉଣ୍ଟରରେ ଟିକେଟ୍ ନେଉଥିବା ରୋଗୀଙ୍କ ପାଇଁ ଧାଡ଼ି ପରିଚାଳନା କିପରି ହେଉଛି, ତାହା ମଧ୍ୟ ଯାଞ୍ଚ କରାଯିବା ଆବଶ୍ୟକ। ଏସସିବି ମେଡିକାଲ କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଅନଲାଇନ୍ ଟିକେଟ୍ ବ୍ୟବସ୍ଥାର ଅଧିକ ପ୍ରଚାରପ୍ରସାର କରିବା ସହ ରୋଗୀଙ୍କ ପାଇଁ ସହଜ ଓ ସୁବିଧାଜନକ ବ୍ୟବସ୍ଥା କରିବା ଉଚିତ। ଯେଉଁ ସୁବିଧା ରୋଗୀଙ୍କ ଅପେକ୍ଷା ସମୟ କମାଇବା ପାଇଁ ଆରମ୍ଭ କରାଯାଇଛି, ତାହାର ଲାଭ ଯେପରି ପ୍ରକୃତରେ ରୋଗୀଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନିକ ପଦକ୍ଷେପ ଆବଶ୍ୟକ। ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କୁ ଭୋରରୁ ଆସି ଇଟା, ପଥର, ପାଣି ବୋତଲ କିମ୍ବା ଜରି ରଖି ନିଜ ସ୍ଥାନ ସୁରକ୍ଷିତ କରିବାକୁ ପଡୁଥିବା ପରିସ୍ଥିତିର ଅନ୍ତ ହେବା ଦରକାର।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com